RNI No.ODIODI/2010/33031
୧୬ ବର୍ଷ Volume-16
ISSUE -262 ସଂଖ୍ୟା-୨୬୨
ଭୁବନେଶ୍ୱର, ଶୁକ୍ରବାର ୦୨ ଜାନୁଆରୀ ୨୦୨୬
Bhubaneswar, Friday 02 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମୁଖ୍ୟ ସଚିବଙ୍କୁ ୧୫ ଟାସ୍କ ଦେଲେ ମୋହନ



**ଭୁବନେଶ୍ୱର,୩୧।୧୨(ନି.ପ୍ର.):** ଆଜିଠାରୁ ପାଦ ଥାପିଛି ୨୦୨୬ ବର୍ଷ। ନୂତନ ବର୍ଷରେ ରାଜ୍ୟ ନୂତନ ସଂକଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ୧୫ଟି ନିର୍ଦ୍ଦେଶନାମା ଦେଇଛନ୍ତି ।

ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପ୍ରଥମ କାର୍ଯ୍ୟ ଦିବସ ରହିଛି। ଗତକାଲି ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମ ଥର ପାଇଁ ବିଧିବଦ୍ଧଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶାସନ ସଚିବଙ୍କୁ ୧୫ଟି ଟାସ୍କ ଦେଇଛନ୍ତି। ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକା କ୍ରିୟାଶୀଳ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଭିଜନ୍ ଡକ୍ୟୁମେଣ୍ଟ ୨୦୩୬ ସଫଳତାର ସହିତ କ୍ରିୟାନ୍ୱୟନ ଉପରେ କାର୍ଯ୍ୟ କରିବାକୁ କୁହାଯାଇଛି। ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡିଶା ଗଠନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ଶିକ୍ଷକୁ ଅଗ୍ରାଧିକାର ଦିଆଯାଇଛି । ଶିକ୍ଷାୟନର ଦୃତ୍ତ ବିକାଶ କରାଯିବ। ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର କରିବାକୁ ନିର୍ଦ୍ଦେଶ ରହିଛି । ସବୁ ପ୍ରକାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାକୁ ଗୁରୁତ୍ୱ ଆରୋପ କରିଛନ୍ତି। ସଚିବାଳୟଠାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ନିର୍ଦ୍ଦେଶ ପାଳନ ନ ହେଲେ ଖିଲାପକାରୀଙ୍କୁ କୈଫିୟତ ତଲବ କରାଯିବ । ଓଡିଆ ଭାଷାକୁ ସରକାରୀ ଭାଷାରେ ବ୍ୟବହାର ପାଇଁ ପ୍ରତିବଦ୍ଧତାର ବାର୍ତ୍ତା।

ସେହିପରି ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଡ଼ାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ । ତତସହିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦିଆଯାଇଛି । ସବୁ ସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ସମସ୍ୟାର ସମାଧାନ ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେହିପରି ଆସନ୍ତା ଦୁଇ ବର୍ଷ ମଧ୍ୟରେ ସମସ୍ତ ପଦବୀ ପୂରଣ କରିବାକୁ ନିର୍ଦ୍ଦେଶ ରହିଛି ।

# ଗଡ଼ିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ

ନୂଆଦିଲ୍ଲୀ,୧।୧: ନୂତନ ବର୍ଷର ପ୍ରଥମ ଦିନ (ଜାନୁଆରୀ ୧) କେନ୍ଦ୍ରର ମୋଦି ସରକାର ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ପ୍ରଦାନ କରିଛନ୍ତି। ରେଳ ମନ୍ତ୍ରଣାଳୟ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନର ରୁଟ ଘୋଷଣା କରିଛି। ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ କୋଲକାତା, ହାଓଡା,ଗୁଆହାଟି ଏବଂ କାମାକ୍ଷା ମଧ୍ୟରେ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ ଶୀଘ୍ର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ।



ଭାରତୀୟ ରେଳବାଇ ସମ୍ପ୍ରତି ସ୍ୱଦେଶୀ ଭାବରେ ନିର୍ମିତ ବନ୍ଦେ ଭାରତ ସ୍ଲିପର ଟ୍ରେନର ଅନ୍ତିମ ହାଇ-ସ୍ପିଡ ପରୀକ୍ଷଣ ସଫଳତାର ସହ ସମାପ୍ତ କରିଛି। ଏହି ପରୀକ୍ଷଣ କୋଟା-ନାଗଡା ସେକ୍ସନରେ କରାଯାଇଥିଲା, ଯେଉଁଠାରେ ଟ୍ରେନଟି ଘଣ୍ଟା ପ୍ରତି ୧୮୨ କିଲୋମିଟର ବେଗରେ ପହଞ୍ଚିଥିଲା। ଏହି ପରୀକ୍ଷଣ ରେଳ ସୁରକ୍ଷା କମିଶନରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ ଆସନ୍ତା ଛଅ ମାସ ମଧ୍ୟରେ ଆଠଟି ବନ୍ଦେ ଭାରତ ସ୍ଲିପର ଟ୍ରେନ କାର୍ଯ୍ୟକ୍ଷମ ହେବ ଏବଂ ବର୍ଷ ଶେଷ ସୁଦ୍ଧା ୧୨ଟି କାର୍ଯ୍ୟକ୍ଷମ ହେବ। ରେଳମନ୍ତ୍ରୀ କହିଛନ୍ତି ଯେ ଆସାମରୁ ଆସୁଥିବା ଟ୍ରେନଗୁଡ଼ିକରେ ଆସାମୀୟ ଖାଦ୍ୟ ପରିବେଷଣ କରାଯିବ, ଯେତେବେଳେ କୋଲକାତାରୁ ଆସୁଥିବା ଟ୍ରେନଗୁଡ଼ିକରେ ବଙ୍ଗାଳୀ ଖାଦ୍ୟ ପରିବେଷଣ କରାଯିବ। 'ବନ୍ଦେ ଭାରତ ସ୍ଲିପର ଟ୍ରେନ' ୧,୦୦୦ ରୁ ୧୫୦୦ କିଲୋମିଟର ଦୂରତା ମଧ୍ୟରେ ଥିବା ସହରଗୁଡ଼ିକୁ ସଂଯୋଗ କରିବ। ଦେଶର ପ୍ରଥମ 'ବନ୍ଦେ ଭାରତ ସ୍ଲିପର ଟ୍ରେନ' ଜାନୁଆରୀ ୧୭ କିମ୍ବା ୧୮ ତାରିଖରେ ସେବା ଆରମ୍ଭ କରିବ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ 'ବନ୍ଦେ ଭାରତ ସ୍ଲିପର ଟ୍ରେନ'ର ଭଡ଼ା ବିମାନ ଭଡ଼ା ତୁଳନାରେ ଯଥେଷ୍ଟ କମ ହେବ। ମନ୍ତ୍ରୀ କହିଛନ୍ତି ଯେ ଗୁଆହାଟିରୁ କୋଲକାତା ପାଇଁ ବିମାନ ଭଡ଼ା ୬,୦୦୦ ରୁ ୮,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇପାରେ, ଏପରିକି ୧୦,୦୦୦ ଟଙ୍କା ମଧ୍ୟ ହୋଇପାରେ, କିନ୍ତୁ ହାଓଡ଼ାରୁ ଗୁଆହାଟି ପାଇଁ ୩ଇଉ 'ବନ୍ଦେ ଭାରତ ସ୍ଲିପର ଟ୍ରେନ' ର ଭଡ଼ା, ଖାଦ୍ୟ ସମେତ, କେବଳ ୨୩୦୦ ଟଙ୍କା ହେବ, ଯେତେବେଳେ ୨ଇଉ ଭଡ଼ା ୩,୦୦୦ ଟଙ୍କା ହେବ ଏବଂ ପ୍ରଥମ ଇଉ ଭଡ଼ା ୩,୬୦୦ ଟଙ୍କା ହେବ।

'ବନ୍ଦେ ଭାରତ ସ୍ଲିପର ଟ୍ରେନ' ଏକ ସେମି-ହାଇ-ସ୍ପିଡ ଟ୍ରେନ ଯାହା ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଗତି କରେ। ଏଥିରେ ଯାତ୍ରୀମାନଙ୍କ ପାଇଁ ନରମ ସିଟ ରହିଛି, ଯାହା ଦୀର୍ଘ ଯାତ୍ରାକୁ ବହୁତ ସହଜ କରିଥାଏ। କୋଚ୍ ମଧ୍ୟରେ ଗତି ପାଇଁ ସ୍ୱୟଂଚାଳିତ ଦ୍ୱାର ଲଗାଯାଇଛି।

# ବାଂଲାରେ ଅସୁରକ୍ଷିତ ହିନ୍ଦୁ

## ଛୁରୀ ମାରିବା ପରେ ନିଆଁ ଲଗାଇ ଦେବାକୁ ଉଦ୍ୟମ

ନୂଆଦିଲ୍ଲୀ,୧।୧: ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଥମିବାର ନାଁ ଧରୁ ନାହିଁ । ବର୍ଷର ଶେଷ ରାତିରେ ଜଣେ ହିନ୍ଦୁଙ୍କୁ ଛୁରି ଭୁସିବା ପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାକୁ ଉଦ୍ୟମ କରିଛନ୍ତି । ବ୍ୟକ୍ତି ଜଣକ ପୋଖରୀକୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି।

ପରେଶ ଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତିଙ୍କ ପୁଅ ଖୋକନ ଚନ୍ଦ୍ର ଦାସ ଶରୀୟତପୁରସ୍ଥିତ କେଉରଭଙ୍ଗା ବଜାରରେ ଏକ ଫାର୍ମା ଦୋକାନ କରିଥିଲେ । ବୁଧବାର ରାତି ପ୍ରାୟ ୯ଟା ବେଳେ ଦୋକାନ ବନ୍ଦ କରି ଫେରୁଥିବାବେଳେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ତାଙ୍କୁ ଘେରି ଯାଇ ପ୍ରଥମେ ନିସ୍ଥୁକ ମାଡ଼ ମାରିଥିଲେ । ଏହା ପରେ ଛୁରିରେ ଆକ୍ରମଣ କରିଥିଲେ । ଏହା ପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଖୋକନ ପ୍ରାଣ ବଞ୍ଚାଇବାକୁ ଯାଇ ନିକଟରେ ଥିବା ଏକ ପୋଖରୀକୁ କୁଦା ମାରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଏହା ଚଳିତ ସପ୍ତାହରେ ଦ୍ୱିତୀୟ ଘଟଣା ଅଟେ ।

ଗତ ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ହତ୍ୟା କରିଥିଲେ । ଏହା ପରେ ତାଙ୍କୁ ଏକ ଗଛରେ ବାନ୍ଧି ନିଆଁ ଲଗାଇଦେଇଥିଲେ । ସେହିପରି ୨୪ ଡିସେମ୍ବରରେ ଅମୃତ ମଣ୍ଡଳ (୨୯) ନାମକ ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରିଥିଲେ ।ଡିସେମ୍ବର ୨୯, ଗତ ସୋମବାର ବିଜେନ୍ଦ୍ର ବିଶ୍ୱାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ତାଙ୍କ ସହକର୍ମୀମାନେ ଗୁଳି କରି ହତ୍ୟା କରିଥିଲେ ।

## ପରମାଣୁ ଠିକଣାର ଆଦାନ ପ୍ରଦାନ କଲେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ,୧।୧(ନି.ପ୍ର.): ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ନୂଆ ବର୍ଷରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରମାଣୁ ବୋମା ଠିକଣା ତାଲିକା ଆଦାନ ପ୍ରଦାନ ହୋଇଛି । ନୂଆ ଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ସ୍ତରରେ ୩୫ତମ ସୂଚୀ ଦୁଇ ଦେଶ ପରସ୍ପରକୁ ହସ୍ତାନ୍ତର କରିଛନ୍ତି ।

ଦୀର୍ଘ ୩ ଦଶନ୍ଧି ହେବ ଭାରତ-ପାକିସ୍ତାନ ମଧ୍ୟରେ ଆଣବିକ ପ୍ରତିଷ୍ଠାନ ଠିକଣାର ସୂଚନା ଆଦାନ ପ୍ରଦାନ କରାଯାଇଆସୁଛି । ଜାନୁଆରୀ ୧ ତାରିଖରେ ଏହି ତାଲିକା ଦିଆଯାଇଥାଏ । ପରମାଣୁ ବୋମା ପ୍ରତିଷ୍ଠାନ ଉପରେ ଆକ୍ରମଣ ନିଷେଧର ଚୁକ୍ତି ଅନ୍ତର୍ଭୁକ୍ତ ଅଟେ । ନିୟମ ମୁତାବକ ଆଣବିକ ପ୍ରତିଷ୍ଠାନ ଏବଂ ତାର ସୁବିଧା ଉପରେ ଆକ୍ରମଣ ଉପରେ ରୋକ ଲଗାଇବାକୁ ଏହି ଆଦାନପ୍ରଦାନ କରାଯାଇଥିବା କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ କହିଛି ।

୧୯୮୮ ଡିସେମ୍ବର ୩୧ ତାରିଖରେ ଏହି ଚୁକ୍ତି ହୋଇଥିଲା ଏବଂ ୧୯୯୧ ମସିହା ଜାନୁଆରୀ ୨୭ ତାରିଖରୁ ଏହି ନିୟମ ଲାଗୁ ହୋଇଥିଲା । ନିୟମାନୁସାରେ ଦୁଇ ଦେଶ ଭାରତ-ପାକିସ୍ତାନ ଇଂରାଜୀ ବର୍ଷର ଜାନୁୟାରୀ ୧ ତାରିଖରେ ପରସ୍ପରକୁ ତାଲିକା ପ୍ରଦାନ କରିବେ । ୧୯୯୨ ଜାନୁଆରୀ ପହିଲାରେ ପ୍ରଥମ ଥର ପାଇଁ ସୂଚୀ ପ୍ରଦାନ କରାଯାଇଥିଲା ।

# ସ୍କିଲ୍ ଦ ନେସନ୍ ଏଆଇ ଚ୍ୟାଲେଞ୍ଜର ଶୁଭାରମ୍ଭ କଲେ ରାଷ୍ଟ୍ରପତି




- ରାଇରଙ୍ଗପୁରଠାରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଉଦଘାଟିତ
- ଭାରତ ଭଳି ଯୁବ ରାଷ୍ଟ୍ର ପାଇଁ ଏଆଇ ସକାରାତ୍ମକ ପରିବର୍ତ୍ତନର ଏକ ପ୍ରକୃଷ୍ଟ ସୁଯୋଗ: ରାଷ୍ଟ୍ରପତି
- ପ୍ରଥମ ଥର ପାଇଁ ଇଗ୍ନୋ ମାଧ୍ୟମରେ ପାଠପଢ଼ା ସହିତ ଦକ୍ଷତା ଶିକ୍ଷା, ଜନଜାତି ଅଞ୍ଚଳରେ ବଡ଼ ପରିବର୍ତ୍ତନ ଆଣିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧।୧(ପିଆଇବି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍କିଲ୍ ଦ ନେସନ୍ ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ଦକ୍ଷତା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ମଧ୍ୟ ଉଦଘାଟନ କରିଥିଲେ।

ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଶ୍ୱବ୍ୟାପୀ ଅର୍ଥବ୍ୟବସ୍ଥା ଏବଂ ସମାଜକୁ ନୂଆ ଆକାର ଦେଉଛି। ଆମେ କିପରି ଶିଖୁଛୁ, କିପରି କାମ କରୁଛୁ, ଆଧୁନିକ ସେବା କିପରି ପାଇପାରୁଛୁ ଏବଂ ମାନବତାର ସବୁଠାରୁ ବଡ଼ ଆହ୍ୱାନକୁ କିପରି ମୁକାବିଲା କରୁଛୁ ତାହାକୁ ଏଆଇ ପ୍ରଭାବିତ କରୁଛି। ଭାରତ ଭଳି ଏକ ଯୁବ ରାଷ୍ଟ୍ର ପାଇଁ, ଏଆଇ କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ, ବରଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଏକ ପ୍ରକୃଷ୍ଟ ସୁଯୋଗ।

ରାଷ୍ଟ୍ରପତି କହିଥିଲେ, ପ୍ରଯୁକ୍ତିବିଦ୍ୟା ଲୋକଙ୍କୁ ସଶକ୍ତ କରିବା, ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ବିସ୍ତାର କରିବା ଉଚିତ। ଭାରତ ସବୁବେଳେ ଏହି ଆଭିମୁଖ୍ୟକୁ ଗ୍ରହଣ କରି ଆସିଛି। ସାମାଜିକ, ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଜନକୁ ଦୂର କରିବା ଲକ୍ଷ୍ୟରେ ଏଆଇର ଉପଯୋଗ କରାଯିବା ଉଚିତ୍। ଏହାର ଲାଭ ସମସ୍ତ ପୃଷ୍ଠଭୂମି ଏବଂ ବୟସର ଲୋକ, ବିଶେଷକରି ଉପେକ୍ଷିତ ସମ୍ପ୍ରଦାୟଙ୍କ ପାଖରେ ନିଶ୍ଚିତ ଭାବେ ପହଞ୍ଚିବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ସମ୍ଭାବନା ଏବଂ ସୁଯୋଗରେ ପରିପୂର୍ଣ୍ଣ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଦେଖି ରାଷ୍ଟ୍ରପତି ଖୁସିବ୍ୟକ୍ତ କରିଥିଲେ। ପ୍ରଯୁକ୍ତିବିଦ୍ୟା ସହିତ ସେମାନଙ୍କର ଜ୍ଞାନ ଏବଂ ଦକ୍ଷତା ସମାଜର ସେବା କରିବା, ସମସ୍ୟାର ସମାଧାନ ଖୋଜିବା ଏବଂ ଅନ୍ୟମାନଙ୍କୁ ସଶକ୍ତ କରିବା ପାଇଁ ବ୍ୟବହାର କରାଯିବା ଉଚିତ ବୋଲି ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ ଏଆଇ ଶିକ୍ଷଣ ମଡ୍ୟୁଲ୍ ସମାପ୍ତ କରିଥିବା ସାଂସଦମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ, ସେମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ବିଷୟରେ ନିଜେ ଶିଖିବା ସହିତ ଶିକ୍ଷା ମାଧ୍ୟମରେ ନେତୃତ୍ୱର ଏକ ଉଦାହରଣ ପ୍ରସ୍ତୁତ କରିଛନ୍ତି। ରାଷ୍ଟ୍ରପତି କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ବାହକ ରୂପେ ଉଭା ହେଉଛି। ଆଗାମୀ ଦଶନ୍ଧିରେ, ଦେଶର ଜିଡିପି, ନିଯୁକ୍ତି ଏବଂ ସାମଗ୍ରିକ ଉତ୍ପାଦକତାରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଡାଟା ସାଇନ୍ସ, ଏଆଇ ଇଞ୍ଜିନିୟରିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଦକ୍ଷତା ଦେଶର ଏଆଇ ପ୍ରତିଭା ଭଣ୍ଡାର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ସେ କହିଥିଲେ, ଭାରତ କେବଳ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବ ନାହିଁ ବରଂ ଏହା ମାଧ୍ୟମରେ ଏକ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ମଧ୍ୟ ଗଠନ କରିବ। ବିଭିନ୍ନ ପ୍ରତିଷ୍ଠାନ, ଶିଳ୍ପ ଅଂଶୀଦାର ଏବଂ ଶିକ୍ଷାବିତଙ୍କ ସହ ମିଶି ସରକାର ଏହା ସୁନିଶ୍ଚିତ କରୁଛନ୍ତି । ଏକ ବିକଶିତ ଭାରତ ଗଠନ ପାଇଁ ପ୍ରତିବଦ୍ଧତା ସହିତ ସମସ୍ତଙ୍କୁ ଏକାଠି କାମ କରିବାକୁ ଶ୍ରୀମତୀ ମୁର୍ମୁ ଆହ୍ୱାନ କରିଥିଲେ।

ସେ କହିଥିଲେ, ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବାକୁ ହେବ । ଏକ ପ୍ରଯୁକ୍ତିବିଦ୍ୟା ଆଧାରିତ, ସମାବେଶୀ ଏବଂ ସମୃଦ୍ଧ ଭାରତ ଗଠନ ଦିଗରେ ସମସ୍ତଙ୍କୁ ଯୋଗଦାନ ଦେବାକୁ ହେବ। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ, ଭାରତର ଶ୍ରମଶକ୍ତିକୁ ଏକ ଏଆଇ-ଚାଳିତ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାର ଅଂଶବିଶେଷ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଅଭିଭାଷଣ ରଖି କହିଛନ୍ତି ଯେ ରାଇରଙ୍ଗପୁରରେ ଇଗ୍ନୋର ଏହି ନୂତନ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ସମାଜରେ ରୋଜଗାର ଓ ଉଦ୍ୟମିତା ବୃଦ୍ଧି ପାଇବ। ପ୍ରଥମ ଥର ପାଇଁ ଇଗ୍ନୋ ମାଧ୍ୟମରେ ଶିକ୍ଷା ସହିତ ଦକ୍ଷତା ଶିକ୍ଷା ପ୍ରଦାନ କରାଯିବ, ଯାହା ଏକ ବଡ଼ ପରିବର୍ତ୍ତନ ଆଣିବ । ମାନ୍ୟବର ରାଷ୍ଟ୍ରପତି ଜଣେ ଶିକ୍ଷୟିତ୍ରୀ ଭାବେ ନିଜ ଜୀବନର ମୂଲ୍ୟବୋଧ ଓ ସମ୍ମାନର ପରିଚୟ ଦେଇଛନ୍ତି । ତାଙ୍କ ମାର୍ଗଦର୍ଶନରେ ଏହି କେନ୍ଦ୍ରଗୁଡ଼ିକ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶେଷ ଭାବେ ଉପକୃତ କରିବ । ସେ କହିଛନ୍ତି ଯେ, ମୟୂରଭଞ୍ଜର ପ୍ରାକୃତିକ ସମ୍ପଦ, ବନସ୍ପତି ଓ ଶ୍ରମଶକ୍ତିର ସଠିକ୍ ବିନିଯୋଗ ପାଇଁ ସ୍ଥାନୀୟ ଜନଜାତି ଓ ଗ୍ରାମୀଣ ଜନସାଧାରଣଙ୍କୁ ଏଆଇ ଏବଂ ଆଧୁନିକ ଟେକ୍ନୋଲୋଜି ସହିତ ଯୋଡ଼ାଯିବ । ଏହା ସେମାନଙ୍କ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ।

# ରାଜ୍ୟରୁ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ କେନ୍ଦ୍ର

ଭୁବନେଶ୍ୱର,୧।୧(ନି.ପ୍ର.): ଓଡ଼ିଶାରୁ କେନ୍ଦ୍ର ସରକାର ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବେ । ଏଥିପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ମୋଟ ୭ ଲକ୍ଷ ମେଟ୍ରିକ ଟନ ଚାଉଳ ମହଜୁତ ଅଛି । ସେଥିମଧ୍ୟରୁ କେନ୍ଦ୍ର ୫ ଲକ୍ଷ ମେଟ୍ରିକ ଟନ ଉଷୁନା ଓ ଲକ୍ଷେ ମେଟ୍ରିକ ଟନ ଅରୁଆ ଚାଉଳ ନେବ । ଅବଶିଷ୍ଟ ୧ ଲକ୍ଷ ମେଟ୍ରିକ ଟନ ଚାଉଳ ରାଜ୍ୟ ସରକାର ନିଲାମ କରିବେ । ରାଜ୍ୟରୁ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ କେନ୍ଦ୍ର କହିଥିବାରୁ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ପ୍ରହଲ୍ଲାଦ ଯୋଶୀ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ, ଗତ ଅଗଷ୍ଟ ୪ ତାରିଖରେ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫସିଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ ଧର୍ମେନ୍ଦ୍ର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । ଏହା ପରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଉଷୁନା ଚାଉଳ ଓଡ଼ିଶାରୁ କିଣିବାକୁ ନିଷ୍ପତ୍ତି ନେଇଥିଲା । ଓଡ଼ିଶାରୁ ୮ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ କିଣିବାକୁ ଏଫସିଆଇ ନିଷ୍ପତ୍ତି ନେଇଥିଲା । ଏହା ଦ୍ୱାରା ଖରିଫ ଋତୁରେ ଧାର୍ଯ୍ୟ ଲକ୍ଷ୍ୟ ୪୦ରୁ ୪୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଥିବାବେଳେ ରବି ଋତୁରେ ଧାର୍ଯ୍ୟ ଲକ୍ଷ୍ୟ ୧୦ରୁ ୧୧ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ ।

# ନିକୋ ପାର୍କର ହେବ ନବ କଳେବର

ଭୁବନେଶ୍ୱର,୧।୧(ନି.ପ୍ର.):: ରାଜଧାନୀ ଭୁବନେଶ୍ୱରରେ ଥିବା ନିକୋ ପାର୍କର ହେବ ନବକଳେବର। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏଥିପାଇଁ ୩ଟି ପର୍ଯ୍ୟାୟରେ ୨ ଶହ କୋଟି ଲେଖାଏଁ ମୋଟ ୬ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ପିଲାଙ୍କ ମନୋରଞ୍ଜନ ସହିତ ମାର୍କେଟ କମ୍ପ୍ଲେକ୍ସ ଓ ଫୁଡ ପାର୍କ ନିର୍ମାଣ ହେବ।



ଦୀର୍ଘ ସାତମାସ ପୂର୍ବ ଭୁବନେଶ୍ୱର ନିକୋ ପାର୍କ ଜୋନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପରାମର୍ଶ ଦେଇଥିଲେ। ଲେକ୍ ଜୋନ୍‌ର ୩.୨୬୦ କିଲୋମିଟର ଅଞ୍ଚଳକୁ ବିଶ୍ୱସ୍ତରୀୟ ଆକର୍ଷଣୀୟ କେନ୍ଦ୍ର ଭାବରେ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୌନ୍ଦର୍ଯ୍ୟକରଣ ସହିତ ଆଲୋକୀକରଣ, ସାଇକେଲ ଟ୍ରାକ୍, ଆୟୁର୍ବେଦିକ ପାର୍କ, ଫୁଟ୍ ଓଭରବ୍ରିଜ୍ ଭଳି ଆଧୁନିକ ସୁବିଧା ଯୋଗାଇବାର ଲକ୍ଷ୍ୟ ରଖାଯାଇଛି।

# ବାର୍‌ରେ ବିସ୍ଫୋରଣ : ୪୦ ମୃତ, ୧୦୦ ଗୁରୁତର

କ୍ରାନ୍ସ ମୋଣ୍ଟାନା (ସ୍ୱିଜରଲାଣ୍ଡ): ନୂତନ ବର୍ଷ ଆରମ୍ଭରୁ ସ୍ୱିଜରଲ୍ୟାଣ୍ଡ ଭୟଙ୍କର ବିସ୍ଫୋରଣରେ ଥରି ଉଠିଛି । କ୍ରାନ୍ସ ମୋଣ୍ଟାନା ସହରରେ ଥିବା ଏକ ବାରରେ ବିସ୍ଫୋରଣ ହୋଇଛି । ଏଥିରେ ୪୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦୦ ଅଧିକ ବ୍ୟକ୍ତି ଗୁରୁତର ହୋଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି । ସ୍ୱିଜରଲ୍ୟାଣ୍ଡରେ ନୂଆବର୍ଷ ପାଳନ ଚାଲିଥିବାବେଳେ ବିସ୍ଫୋରଣର ଖବର ଆସିଥିଲା । କ୍ରାନ୍ସ ମୋଣ୍ଟାନା ସହରରେ ଥିବା ଲେ କନଷ୍ଟେଲେସନ୍ ରିସର୍ଟର ବାରରେ ରାତି ୧.୩୦ରେ ବିସ୍ଫୋରଣ ହୋଇଥିଲା । ଏହି ବାର୍ ସାଧାରଣତଃ ରାତି ୨.୦୦ଟା ପର୍ଯ୍ୟନ୍ତ ଖୋଲା ରହିଥାଏ । ଏଥିରେ ଏକାକାଳୀନ ୪୦୦ ଲୋକ ରହିବାର କ୍ଷମତା ରହିଛି। ଖବର ପାଇ ପୋଲିସ, ଆମ୍ବୁଲାନ୍ସ ଏବଂ ଏୟାର ଗ୍ଲାଲସିୟର ହେଲିକପ୍ଟର ଘଟଣା ସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏପର୍ଯ୍ୟନ୍ତ ୪୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି । ଏହି ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ । ତଥାପି ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ପୋଲିସ ପ୍ରାଥମିକ ତଦନ୍ତ ପରେ ସ୍ପଷ୍ଟ କରିଛନ୍ତି ।

# ଫେବୃଆରୀରୁ ମହଙ୍ଗା ହେବ ପାନ୍ ମସଲା, ସିଗାରେଟ୍ ଓ ତମାଖୁ

ନୂଆଦିଲ୍ଲୀ,୧।୧: ଯଦି ସିଗାରେଟ, ବିଡ଼ି, ପାନ ମସଲା ଇତ୍ୟାଦି ଆପଣଙ୍କ ଅଭ୍ୟାସର ଅଂଶ ଏବଂ ଆପଣ ଏହା ଜଡିତ, ତେବେ ଏହି ଖବର ଆପଣଙ୍କ ପାଇଁ, କାରଣ ଆପଣଙ୍କର ଏହି ଅଭ୍ୟାସ ଆଗାମୀ କିଛି ସପ୍ତାହ ମଧ୍ୟରେ ମହଙ୍ଗା ହେବାକୁ ଯାଉଛି। ସରକାର ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରିଛନ୍ତି, ଯାହା ଫେବୃଆରୀ ୧ରୁ ଲାଗୁ ହେବ। ସାରା ଦେଶରେ ଫେବୃଆରୀ ୧ରୁ ମହଙ୍ଗା ହେବ ପାନ୍ ମସଲା, ସିଗାରେଟ୍ ଓ ତମାଖୁ। ଅର୍ଥ ମନ୍ତ୍ରଣାଳୟ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ଉତ୍ପାଦ ଶୁଳ୍କରେ ଏକ ବଡ଼ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଆସନ୍ତା ଫେବୃଆରୀ ପହିଲାରୁ ଲାଗୁ କରାଯିବ। ତମାଖୁ ଏବଂ ପାନ ମସଲା ଉପରେ ଏହି ନୂତନ ଟିକସ ଜିଏସ୍‌ଟିଲାଗୁ ହେବ ୪୦ ପ୍ରତିଶତ ଏଝଞ୍ଜାର ସହିତ ଅତିରିକ୍ତ ହେବ। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଫେବୃଆରୀ ୧ରୁ, ପାନ ମସଲା, ସିଗାରେଟ, ତମାଖୁ ଏବଂ ସମାନ ଉତ୍ପାଦଗୁଡ଼ିକ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ହାର ଲାଗିବ, ଯେତେବେଳେ ବିଡ଼ି ଉପରେ ୧୮ ପ୍ରତିଶତ ସାମଗ୍ରୀ ଏବଂ ସର୍ବିଶେଷ ଟାକ୍ସ ଲାଗିବ।

ଏହି ଶୁଳ୍କ ଲାଗୁ କରିବା ପରେ ଭାରତର ସର୍ବବୃହତ ସିଗାରେଟ୍ ନିର୍ମାତା ଓଞ୍ଜଉ ଏବଂ ଗଡଫ୍ରେ ଫିଲିପ୍ସର ଷ୍ଟକ୍ ୮% ପର୍ଯ୍ୟନ୍ତ ହ୍ରାସ ପାଇଛି । ସଂସଦ ଡିସେମ୍ବର ମାସରେ ପାନ ମସଲା ଉତ୍ପାଦନ ଉପରେ ନୂତନ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଏବଂ ତମାଖୁ ଉପରେ ଉତ୍ପାଦ ଶୁଳ୍କ ଆଦାୟକୁ ଅନୁମତି ଦେଉଥିବା ଦୁଇଟି ବିଲ୍ କୁ ମଞ୍ଜୁର କରିଥିଲା।

## ନନ୍ଦନକାନନରେ ରେକର୍ଡ ପର୍ଯ୍ୟଟକ

ଭୁବନେଶ୍ୱର,୧।୧: ୨୦୨୫ରେ ନନ୍ଦନକାନନକୁ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଆଗମନ କରିଥିବା ଗୁରୁବାର ସୂଚନା ମିଳିଛି। ୨୦୨୫ରେ ନନ୍ଦନକାନନକୁ ୪୦ ଲକ୍ଷ ୨୦ହଜାର ୫୩୯ ପର୍ଯ୍ୟଟକ ଆସିଛନ୍ତି।ଏଥିସହିତ ପ୍ରାଣୀ ଉଦ୍ୟାନ ବୁଲିଛନ୍ତି ମୋଟ ୩୮ ଲକ୍ଷ ୪୩ ହଜାର ୨୮ ପର୍ଯ୍ୟଟକ। ବଟାନିକାଲ ଗାର୍ଡେନ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ସାଜିଥିଲା। ମୋଟ ୧ ଲକ୍ଷ ୭୭ ହଜାର ୫୧୧ ପର୍ଯ୍ୟଟକ ବଟାନିକାଲ ଗାର୍ଡେନ ବୁଲିଥିବା ସୂଚନା ମିଳିଛି।ବିଗତ ବର୍ଷାରେ ରେକର୍ଡ ୨୩.୨୩ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛି ନନ୍ଦନକାନନ। ୨୦୨୪ ତୁଳନାରେ ଏହି ରାଜସ୍ୱ ୧.୦୬ କୋଟି ଅଧିକ । ୨୦୨୪ରେ ୩୭ ଲକ୍ଷ ୯୯ ହଜାର ୬୩୨ ପର୍ଯ୍ୟଟକ ନନ୍ଦନକାନନ ବୁଲିଥିଲେ। ୨୨.୧୭ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା।

# ଡିସେମ୍ବରରେ ବଢ଼ିଲା ଜିଏସ୍‌ଟି ସଂଗ୍ରହ

## ୧.୭୪ ଲକ୍ଷ କୋଟି ଟଙ୍କା ଛୁଇଁଲା ରାଜସ୍ୱ

ନୂଆଦିଲ୍ଲୀ,୧।୧: ଦେଶରେ ବସ୍ତୁ ଓ ସେବା କର (ଜିଏସଟି) ସଂଗ୍ରହ କ୍ଷେତ୍ରରେ ପୁଣି ଉତ୍ସାହଜନକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଗତ ନଭେମ୍ବର ମାସର ମନ୍ଥରତା ପରେ ଡିସେମ୍ବରରେ ମୋଟ ଜିଏସଟି ସଂଗ୍ରହ ୧.୭୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ୬.୧ ପ୍ରତିଶତ ଅଧିକ। ନଭେମ୍ବରରେ ଏହି ସଂଗ୍ରହ ୧.୭୦ ଲକ୍ଷ କୋଟି ଟଙ୍କା ଥିବାବେଳେ ଡିସେମ୍ବରରେ ଏହା ବୃଦ୍ଧି ପାଇଛି। ଗତ ତିନି ମାସ ମଧ୍ୟରେ ଏହା ସର୍ବାଧିକ ଅଭିବୃଦ୍ଧି ବୋଲି ଜଣାପଡ଼ିଛି। ଚଳିତ ମାସର ଅଭିବୃଦ୍ଧିରେ ଘରୋଇ କାରବାର ଅପେକ୍ଷା ଆମଦାନୀ ଶୁଳ୍କର ଅବଦାନ ଅଧିକ ରହିଛି। ଆମଦାନୀରୁ ଜିଏସଟି ସଂଗ୍ରହ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଘରୋଇ ଜିଏସଟି ସଂଗ୍ରହ ମାତ୍ର ୧.୨ ପ୍ରତିଶତ ବଢ଼ିଛି। ରିଫଣ୍ଡ ପରେ ନିଟ୍ ଜିଏସଟିରାଜସ୍ୱ ୧.୪୬ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତବର୍ଷ ତୁଳନାରେ ୨.୨ ପ୍ରତିଶତ ଅଧିକ। ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ ଏବଂ ତାମିଲନାଡୁ ଭଳି ପ୍ରମୁଖ ଶିଳ୍ପ ସମୃଦ୍ଧ ରାଜ୍ୟଗୁଡ଼ିକ ଜିଏସଟି ସଂଗ୍ରହ କ୍ଷେତ୍ରରେ ସର୍ବାଧିକ ଅବଦାନ ରଖିଛନ୍ତି। ସେପ୍ଟେମ୍ବର ମାସରେ ସରକାର ଟିକସ ହାରରେ କିଛି ପରିବର୍ତ୍ତନ କରିବା ପରେ ରାଜସ୍ୱ ସଂଗ୍ରହରେ ଏହି ସୁଧାର ଦେଖିବାକୁ ମିଳିଛି। ଏହା ଦେଶର ଅର୍ଥନୀତିର ସ୍ଥିରତା ଏବଂ ବଜାର ଚାହିଦାକୁ ସୂଚାଉଛି।



# ବିଜୟଙ୍କୁ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଦାୟୀତ୍ୱ

କେନ୍ଦ୍ରାପଡ଼ା,୧ ।୧ :(ମନ୍ଥନ)ବିଜୁ ଜନତାଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତାଦଳର ଛାମୁଆ ସଂଗଠକମାନଙ୍କୁ ନେଇ ନୂଆ ଟିମ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଛାତ୍ର ନେତା ବିଜୟ କୁମାର ମଣ୍ଡଳ(ଜାନୁ)ଙ୍କୁ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ଶ୍ରୀ ମଣ୍ଡଳ ବିଜେଡିର ଯୁବ ଓ ଛାତ୍ର ସଂଗଠନର ସ୍ୱଚାରୁରୂପେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ନିଯୁକ୍ତି ନିମନ୍ତେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ନେଇ ଶ୍ରୀ ମଣ୍ଡଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପିଚୁ ରାସ୍ତା ନିର୍ମାଣର ଦୁଇ ଦିନ ପରେ ରାସ୍ତାରୁ ଉଠିଲା ଗୋଡି

ମାହାଙ୍ଗା ,୧ ।୧ :(ମନ୍ଥନ)ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଅତିନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ ରାସ୍ତାକାର୍ଯ୍ୟ ଚାଲିଛି । ରାସ୍ତା କାର୍ଯ୍ୟ ଚାଲିଥିଲା ବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକ ଅଧିନ ଗୋତରା ପଂଚାୟତର ଉମର-ଆପିଲୋ ଗ୍ରାମ୍ୟ ଉନ୍ନୟନ ରାସ୍ତା । ଏହି ରାସ୍ତା କାର୍ଯ୍ୟ ପୂର୍ବରୁ ୨୦୧୧ ମସିହାରେ ଆରମ୍ଭ ହୋଇଥିଲା । ରାସ୍ତା ଅବସ୍ଥା ଶୋଚନୀୟ ହେବାରୁ ପୁନର୍ବାର ଏହି ରାସ୍ତା କାର୍ଯ୍ୟ ନିର୍ମାଣ ଚାଲିଛି । ଦୁଇ ତିନି ଦିନ ତଳେ ଠିକାଦାର ଜଣକ ରାସ୍ତାରେ ପିଚୁ ପକାଇଥିଲେ । ପିଚୁ ପକାଇବାର ପର ଦିନ ରାସ୍ତାରୁ ଗୋଡି ଉଠିଯାଉଥିବା ଦେଖିବାକୁ ମିଳିଥିଲା । ଖବର ସାମାଜିକ ଗଣ ମାଧମରେ ପ୍ରକାଶିତ ନ ହେବା ପାଇଁ ଠିକାଦାର ଜଣକ ଭିତିରି ଉଦ୍ୟମ କରିଥିବା ଶୁଣିବାକୁ ମିଳୁଛି । ବିଜେପି ସରକାରଙ୍କ ଅମଳରେ ମାହାଙ୍ଗା ଅଂଚଳର ରାସ୍ତାଘାଟର ସମସ୍ୟା ବଦଳିବ ବୋଲି ସାଧାରଣ ଲୋକେ ଆଶା ବାନ୍ଧିଥିଲା ବେଳେ ଏବେ ତାହା ନିରାଶାରେ ପରିଣତ ହୋଇଛି । ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଘଟଣାରେ ସଂପୃକ୍ତ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ରେଳବିଭାଗ ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ଡେଲାଙ୍ଗ ଗସ୍ତ

ଡେଲାଙ୍ଗ,୧ ।୧ :(ମନ୍ଥନ)ଭାରତୀୟ ରେଳ ବିଭାଗର ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା ଲୋକସଭା ସାଂସଦ ସୁଦାମା ପ୍ରସାଦ ବୁଧବାର ଡେଲାଙ୍ଗ ଗସ୍ତରେ ଆସିଥିଲେ । ଡେଲାଙ୍ଗ ଷ୍ଟେସନ ଓ ହାଟ ବଜାର ଲୋକମାନଙ୍କର ଦୀର୍ଘ ଦିନର ଥିବା ସମସ୍ୟା ସମ୍ପର୍କରେ ଏହି କମିଟିକୁ ଅବଗତ କରାଇଥିଲେ । ଡେଲାଙ୍ଗ ଷ୍ଟେସନ ବଜାର ଠାରେ ରେଳ ବିଭାଗ ପକ୍ଷରୁ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଗଲେ ସ୍ଥାନୀୟ ବ୍ୟବସାୟୀମାନେ ଉପକୃତ ହୋଇପାରିବେ ବୋଲି କହିଥିଲେ । ସେହିପରି ଜନସାଧାରଣଙ୍କ ଯାତାୟତ ସୁବିଧା ଦୃଷ୍ଟିରୁ ବେଲେଶ୍ୱର ପାଟଣା ଠାରୁ ଡେଲାଙ୍ଗ ଷ୍ଟେସନ ବଜାରକୁ ସଂଯୋଗ କରିବା ପାଇଁ ଏକ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଡେଲାଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପକ୍ଷରୁ ସାଂସଦ ତଥା ରେଳବିଭାଗ ଷ୍ଟାଣ୍ଡିଂ କମିଟି ସଦସ୍ୟ ସୁଦାମା ପ୍ରସାଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହିପରି କଣାସ ରୋଡ ରେଳ ଷ୍ଟେସନରେ ସଂରକ୍ଷିତ ଟିକେଟ ବୁକିଂ କାଉଂଟର ସ୍ଥାପନ କରିବା, ଦୀର୍ଘଦିନ ଧରି ରେଳବିଭାଗରେ କାର୍ଯ୍ୟ କରିଆସୁଥିବା ଠିକା ଶ୍ରମିକମାନଙ୍କୁ ସଠିକ ସମୟରେ ବେତନ ନମିଳିଥିବାରୁ ସେମାନେ ନିଜ ପରିବାର ପ୍ରତିପୋଷଣ କରିବାରେ ଅସୁବିଧା ଭୋଗ



କରୁଥିବା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡେଲାଙ୍ଗ-କୋଠବାଡ ପଂଚାୟତ ଅଧୀନ ଗୁଆଚଉକା ଗ୍ରାମରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟର ଲୋକେ କଣାସ ରୋଡ ଓ ଡେଲାଙ୍ଗ ଷ୍ଟେସନ ମଧ୍ୟବର୍ତୀ ତଥା ଗ୍ରାମର ବିପରୀତ ଦିଗରେ ଥିବା ସ୍ମଶାନ ଓ ଫସଲ କ୍ଷେତକୁ ଯାତାୟତ କରିବା ନିମନ୍ତେ ସମସ୍ୟା ଭୋଗ କରୁଛନ୍ତି ।ଏନେଇ ଭୂତଳ ରାସ୍ତା ନିର୍ମାଣ କରିବାକୁ ସଂଖ୍ୟାଲଘୁ ସଂପ୍ରଦାୟ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତାଙ୍କର ଏହି ଗସ୍ତ ସମୟରେ ସାଂସଦଙ୍କ ସହଧର୍ମିଣୀ ଶୋଭା ଦେବୀ,ସିପିଆଇଏମଏଲ ରାଜ୍ୟ ସମ୍ପାଦକ ଯୁଧୀଷ୍ଠିର ମହାପାତ୍ର , ଜିଲ୍ଲା ସମ୍ପାଦକ ସତ୍ୟମନ୍ୟୁ ପ୍ରଧାନ ,ରେଳବିଭାଗ ଅଧିକାରୀ ସୁଶାନ୍ତ କୁମାର ବେହେରା ଉପସ୍ଥିତ ଥିଲେ । ଅନ୍ୟମାନଙ୍କର ପୁର୍ବତନ ଜିଲ୍ଲାପରିଷଦ ତଥା ସିପିଆଇଏମଏଲ ନେତା ଅଶୋକ ପ୍ରଧାନ , ପ୍ରଭାତ କ୍ଲବ ମୁଖ୍ୟ ପରିଚାଳନା କମିଟି ସଦସ୍ୟ ପଦ୍ମନାଭ ବରାଳ , ଗର୍ନ୍ଧବ ପ୍ରଧାନ ,ସୁକାନ୍ତ ସାହୁ ,ଗଣେଶ ସ୍ୱାଇଁ , ଅକ୍ଷୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଏହି କମିଟିକୁ ସ୍ୱାଗତ କରିଥିଲେ ।

# ମା’ ରାମଚଣ୍ଡୀ ପୀଠକୁ ରାଜ୍ୟସଭା ସାଂସଦ ମୁନା ଖାଁଙ୍କ ୪ ଲକ୍ଷ ଅନୁଦାନ

ଛତ୍ରପୁର,୧ ।୧ :(ମନ୍ଥନ) ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତ ର ଋଷିକୂଲ୍ୟା ତଟ ର ନୀଳାଦ୍ରିପୁର ଶିଖରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡୀଙ୍କ ମନ୍ଦିର । ଆଜି ନୂଆଁ ବର୍ଷ ଉପଲକ୍ଷେ ମାଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ ଜମିଥିଲା ।ପୂଜା କମିଟି ସଭାପତି ଦୟାନନ୍ଦ ରେଡ଼ି, ସମ୍ପାଦକ ବିମଳ ପଣ୍ଡା,ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ମନୋଜ ମିଶ୍ର, ସୁଧୀର ମହାରଣା, ଶଙ୍କର ଚର୍ଦ୍ଦୀ, ଗୋପାଳ ନାୟକ, ରାଜୁ ବେହେରାଙ୍କ ଦ୍ୱାରା ରେ ଭକ୍ତ ମାନଙ୍କ ସୁରକ୍ଷା କୁ ଆଖି ଆଗରେ ରଖି ଧାଡି



ଦର୍ଶନ କରାଯାଇଥିଲା । ବର୍ଷ ତମାମ ପୀଠର ଟ୍ରଷ୍ଟ ଓ କମିଟି ତରଫରୁ ଜିଲ୍ଲା ପ୍ରଶାସନ ର ସହଯୋଗ ରେ ବିଭିନ୍ନ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାରୁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥାଏ । ଆଗକୁ ମାଁ ରାମଚଣ୍ଡୀ ଙ୍କ ଫାଲ୍ଗୁନ ପର୍ବ ଥିବାରୁ କମିଟି ଓ ଜିଲ୍ଲା ପ୍ରଶାସନ ମଧ ସଜାଗ ହେଉଥିବା ବେଳେ । ଏହି ପୀଠର ଲକ୍ଷାଧିକ ଭକ୍ତ ମାନଙ୍କ ଅସୁବିଧା କୁ ଆଖିଆଗରେ ରଖି ଟ୍ରଷ୍ଟ ତରଫରୁ ଆଗରୁ କରାଯାଇଥିବା ଅନୁରୋଧ କ୍ରମେ । ଏହାର ସ୍ୱୀକୃତି ପୂର୍ବକ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଙ୍କ ନିର୍ଦ୍ଦେସ କ୍ରମେ ଓଡ଼ିଶାର ରାଜ୍ୟସଭା ସାଂସଦ ମୁଜୀବୁଲା ଖାନ (ମୁନା ଖାନ) ସାଂସଦ ପାଣ୍ଠିରୁ ୪ ଲକ୍ଷ ଟଙ୍କା ର ଅର୍ଥରାଶି ମନ୍ଦିର ଉନ୍ନତି ସକାସେ ଦେଇ ସମାଜକୁ ଏକ ଭାଇଚାରାର ସମ୍ବାଦ ଦେଇଛନ୍ତି । ଏହାର ପତ୍ର ପାଇଲା ପରେ କରପଡା ସରପଞ୍ଚ ଶ୍ରୀ ଅଜୟ ନାୟକ, ପୂଜା କମିଟି ସଭାପତି ଦୟାନନ୍ଦ ରେଡ୍ଡୀ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ନାୟକ, ପଞ୍ଚାୟତ ବାସି, ମାଁ ରାମଚଣ୍ଡୀ ଟ୍ରଷ୍ଟ ଓ ଅଗଣିତ ଭକ୍ତ ମାନଙ୍କ ତରଫରୁ ପ୍ରଶଂସାର ସୁଅ ଛୁଟିବା ସହିତ ମାନ୍ୟବର ସାଂସଦ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଦିଆଯାଇଛି ।

# ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୨୯ତମ ଶ୍ରାଦ୍ଧ ଉତ୍ସବ ପାଳିତ

ମାହାଙ୍ଗା,୧ ।୧ :(ମନ୍ଥନ)ଦ୍ୱିତୀୟ ଭଞ୍ଜ ସାହିତ୍ୟସଂସ୍କୃତି ସଂସଦଦୁଲ୍ଲାରପୁର ଗୋପାଳପୁର ମାହାଙ୍ଗା କଟକ ତରଫରୁ କବି ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୨୯ତମ ଶ୍ରାଦ୍ଧ ଦିବସ ଅବସରରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ ଘଟିକା ସମୟରେ ଜନ୍ମପୀଠ ଗୋପାଳପୁରଠାରେ ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଭଞ୍ଜଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇ ଧୂପ ଅର୍ପଣ ପୂର୍ବକ ଉପସ୍ଥିତ ଶୁଭେଚ୍ଛୁମାନେ ତାଙ୍କର କାବ୍ୟ କୃତି ସଂପର୍କରେ ଆଲୋଚନା କରିଥିଲେ । ସଂସଦର ସଂପାଦକ ଗୌତମ ଚରଣ ଜେନାଙ୍କ ଆବାହକତ୍ୱରେ ଉପସ୍ଥିତ ସାହିତ୍ୟିକ ଓ ସାହିତ୍ୟପ୍ରେମୀମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ସମାଜସେବୀ ରୁଦ୍ରନାରାୟଣ ସିଂ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ରାଜକିଶୋର ମିଶ୍ର, କଲ୍ଲୋଳଚନ୍ଦ୍ର ମହାନ୍ତି, ବିଚିତ୍ରାନନ୍ଦ ବିଶ୍ୱାଳ, ଶିକ୍ଷୟିତ୍ରୀ ପ୍ରତିଭା ଦାସ, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଅପରାହ୍ନ ୪ ଘଟିକା ସମୟରେ କଟକ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ସଂସଦର ଉପସଭାପତି ପ୍ରାବନ୍ଧିକ ଡ. ଏକାଦଶୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଫକୀର ଚରଣ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ, ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସ୍ତମ୍ଭକାର ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର, ଅଚ୍ୟୁତାନନ୍ଦ ନାୟକ, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ ପ୍ରମୁଖ ଉପସ୍ଥିତ ରହିଦ୍ୱିତୀୟ ଭଞ୍ଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ କାବ୍ୟକୃତି ସଂପର୍କରେ ଆଲୋକପାତ କରିଥିଲେ । ଯୁଗ୍ମ ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ସ୍ୱାଗତ ପରେ କୃତଜ୍ଞତା ଜ୍ଞାପନ କରିଥିଲେ ।

# ମେଡିକାଲ କର୍ମଚାରୀ ଓ ପୁଲିସ କୁ ଦୁର୍ବ୍ୟବହାର ଦେଖାଇ ଦୁଇ ଅଭିଯୁକ୍ତ ଗିରଫ

ପିପିଲି,୧ ।୧ :(ମନ୍ଥନ)ପିପିଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ରେ ଦୁଇଜଣଙ୍କୁ ପିପିଲି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଚିକୁ ଦାଶ ଓରଫ ଲକ୍ଷ୍ମୀ ନାରାୟଣ ବାରିକ ଓରକଳ ଗୁରୁସାହି ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ସୁନିଲ ଦାଶ ଜଇସପାଟଣା ନିକଟସ୍ଥ ପାଟସାଣିପୁର ପିପିଲି ବୋଲି ପୋଲିସ ଠାରୁ ସୁଚନା ମିଳିଛି । ତେବେ ମିଳିଥିବା ସୁଚନାନୁଯାଇ ଡିସେମ୍ବର ୩୧ ତାରିଖ ରାତି ସାଢେ ଦୁଇ ହେବ ଓରକଳ ଗୁରୁସାହିର ଚିକୁ ର ମୁଣ୍ଡ ଫାଟି ମେଡିକାଲ କୁ ଆସିଥିଲେ । ସେଠାରେ ଡିଉଟିରେ ଥିବା ଡାକ୍ତର ଶାଶ୍ୱତ ଚିନ୍ମୟ କୁମାର ମୁଣ୍ଡରେ ଷ୍ଟିଜ ପଡିବ ବୋଲି ତାଙ୍କୁ କହିଥିଲେ । ମୁଣ୍ଡରେ କାହିଁକି ଷ୍ଟିଜ ପଡିବ କହି ସେ ଉତକ୍ଷିପ୍ତ ହୋଇ ତାଙ୍କ ସହିତ ଅନ୍ୟ ୪ଜଣ ଯୁବକମାନେ ମେଡିକାଲ କର୍ମଚାରୀଙ୍କୁ ଅଶିଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ଘଟଣାକୁ ସିକ୍ୟୁରିଟ ଗାର୍ଡ ଓ ମେଡିକାଲ ମହିଳା କର୍ମଚାରୀ ରୋକିବାରୁ ତାଙ୍କୁ ମଧ୍ୟ ଗାଳି ହୋଇଥିଲା । ଘଟଣା ସମ୍ପର୍କରେ ମେଡିକାଲ ପକ୍ଷରୁ ପିପିଲି ପୋଲିସ କୁ ଖବର ଦିଆଯାଇଥିଲା । ସେଠାରେ ପୋଲିସ ଙ୍କୁ ବି ମଧ୍ୟ ଅଶିଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରାଯାଇଥିବା ନେଇ ଡାକ୍ତର ଜ୍ୟୋତିରଂଜନ ସାହୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତିକରି ପିପିଲି ଥାନାରେ ୧୨୬ରେ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତ କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୁଚନା ଦେଇଛନ୍ତି ।

# ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ ପାଳନ

ବଲାଙ୍ଗିର, ୧ ।୧ :(ମନ୍ଥନ)ଆଗାମୀ ପିଢ଼ି ମାର୍ଗଦର୍ଶକ କର୍ମତପୁର, ସମାଜସେବା, ଦେଶପ୍ରେମ ଭାବ ମନରେ ଜାଗ୍ରତ କରାଇବାକୁ ଓ ପରଉକାରରେ ବ୍ରତୀ କରାଇବା ହେଲେ ଏପରି ନିଃସ୍ୱାର୍ଥପର ସେବା କରିଥିବା ପ୍ରଭାକର ରଥଙ୍କ ପରି ସେବକମାନଙ୍କ ଜୟନ୍ତୀ ସମାରୋହ କରି ସେତନ କରାଇବାକୁ ପଡିବ ଲେ ମଂଚସୀନ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏ ଅବସରରେ ଅରୁଣ କୁମାର ଖୁଆସ ଙ୍କ ସଭାପତିତ୍ୱରେ ବାଳିକା ବିଦ୍ୟାଳୟ ରେ ଅନୁଷ୍ଠିତ ସଭାରେ ଡାକ୍ତର ମଂଜୁବାଳା ପଣ୍ଡା ମୁଖ୍ୟ ଅତିଥି, ଆଦର୍ଶ ଶିକ୍ଷୟତ୍ରୀ ସଂସ୍କୃତି ପଟ୍ଟନାୟକ ମୁଖ୍ୟବକ୍ତା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପାର୍ବଣରେ ସାମାଜ ସେବା ରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଗୋବିନ୍ଦ ଚନ୍ଦ୍ର ଶତପଥି ଙ୍କୁ “ପ୍ରଭାକର ରଥ ସେବା ସମ୍ମାନ ୨୦୨୫” ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ ଓ ଅତିଥି ପରିଚୟ କରିଥିଲେ କବି ରନ୍ମୟ ତ୍ରିପାଠି । ଆରମ୍ଭରେ ବେଦ ପଠନ କରିଥିଲେ ସଂସ୍କୃତ ଶିକ୍ଷୟତ୍ରୀ ମଂଜୁଲତା ମିଶ୍ର ଓ ରାମଧୂନ ଗାନ କରିଥିଲେ ଡ. ପ୍ରେମଚାନ୍ଦ ମହାନ୍ତି । ଶ୍ରୀମୟୀ ଶର୍ମିଷ୍ଠା ସାହୁ ଓଡିଶୀ ନାଚ ପ୍ରଦର୍ଶନ କରିଥିଲେ । ନିକଟରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସାରସ୍ୱତ ସମ୍ମାନରେ ସମ୍ମାନିତ ହୋଇଥିବା କବି ମଦନ ମୋହନ ରଥଙ୍କୁ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂପାଦକ ମଧୁ ସାହୁ ମଂଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କେଶବ ଚନ୍ଦ୍ର ମିଶ୍ର, ଚୁଡେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ଷଡଙ୍ଗୀ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଡ. ଅଶୋକ କୁମାର ସେଠୀ ଙ୍କ ସମେତ ଆଦ୍ୟାଶକ୍ତି ନାରୀ ସଂଗଠକ, ପୂଜ୍ୟପୂଜା ସେବା ସଂଗଠକ ଓ ଶିଶୁ ବିକାଶ କେନ୍ଦ୍ର ର ସଭ୍ୟମାନେ ସହଯୋଗ କରିଥିଲେ । ଶେଷରେ ନିରୁପମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜାତୀୟ ସ୍ତରରେ ବଲାଙ୍ଗିର କରାଟେ ସ୍କୁଲର ସଫଳତା

ବଲାଙ୍ଗିର, ୧ ।୧ :(ମନ୍ଥନ) ରାଞ୍ଚି ସ୍ଥିତ ତାନା ଭଗତ ଇନ୍‌ଡୋର ଷ୍ଟାଡିୟମ ଠାରେ ୨୩ତମ ସର୍ବ ଭାରତୀୟ ଫେଡେରେସନ କପ-୨୦୨୫ ଅନୁଷ୍ଠିତ ହୋଇଯାଇଅଛି । ପ୍ରତିଯୋଗିତାକୁ ଅଲ ଇଣ୍ଡିଆ ସେଇସିନ୍‌କାଇ ଶିଟୋର୍ୟୁ କରାଟେ ଡୁ ଫେଡେରେସନର ମୁଖ୍ୟ ହାଂସି ପ୍ରେମଜିତ ସେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଅଲ ଓଡିଶା ସେଇସିନ୍‌କାଇ ଶିଟୋର୍ୟୁ କରାଟେ ସଂଘର ମୁଖ୍ୟ ହୃଦୟ ଶବରଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲା କରାଟେ ସ୍କୁଲର ୧୫ଜଣ କରାଟେକା ଭାଗ ନେଇଥିବା ବେଳେ ଆନନ୍ଦିତା ସାହୁ, କାବ୍ୟରାଣୀ ହଂସ, ଅଂଶୁମାନ ଧରୁଆ, ଜସମିନ୍ ସାହୁ ସ୍ୱର୍ଣ୍ଣପଦକ, ଜଶୋବନ୍ତ କୁମ୍ଭାର, ଶ୍ରୀୟା ସାହୁ, ପ୍ରତିକ୍ଷାରାଣି ପୁଟା ରୌପ୍ୟ ପଦକ । ସେହି ପରି ସଲେଶ ବିଶ୍ୱାଲ, ଇଭାନ ପଧାନ, ଆର୍ଶିବାଦ ଦାସ, ହିତେସ ବେହେରା, ଅଭିନନ୍ଦନ ସ୍ୱାମୀ, ପିୟୁଶ ଭୋଇ, ଶ୍ୟାମାରାନି ଖୁଆସ ଓ ଆରାଧ୍ୟା ଦିବ୍ୟାରାନୀ ସାହୁ କାଂସ୍ୟ ପଦକ ସର୍ବମୋଟ ୨୮ ଗୋଟି ପଦକ ହାସଲ କରିଛନ୍ତି । ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚ୍ଚିଦାନନ୍ଦ ବାଗ, ସହ-ସଂପାଦକ ଚନ୍ଦ୍ର ଶେଖର ସେଠ, କୋଷାଧ୍ୟକ୍ଷ ରବି ବେହେରା, ଜିଲ୍ଲା କରାଟେ ସଂଘର ସଭାପତି ଦେବଦତ୍ତ ବେହେରା ଓ ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ଟାଙ୍ଗିଆ ଚୋଟରେ ଭଣଜା ମୃତ ମାମୁଁ ମୃତ୍ୟୁର କାରଣ ଅସ୍ପଷ୍ଟ

ନୟାଗଡ,୧ ।୧ :(ମନ୍ଥନ)ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପୁଆଣିଅ । ଗ୍ରାମରେ ବୁଧବାର ଅପରାହ୍ନ ୫ ଟାରେ ଏକ ଦୁଃଖଦ ଅଘଟଣ ଘଟିଛି । ମାମୁଁ ଘରୁ ମାମୁଁ ସଲିପି ରାଉତ (୪୩) ଓ ଭଣଜା ଲିଲୁ ପ୍ରଧାନ (୪୦) ଙ୍କ ମୃତ ଦେହ ମିଳିଛି । ମାମୁଁଙ୍କ ଟାଙ୍ଗିଆ । ଚୋଟରେ ଭଣଜାଙ୍କ ମୃତ୍ୟୁ ହେଇଥିବା କୁହାଯାଉଥିବା ବେଳେ ମାମୁଁଙ୍କର କିପରି ମୃତ୍ୟୁ ହେଲା ତାର କାରଣ ଜଣାପଡିନି । ଭଣଜାକୁ ହଣାଯାଇଥିବା ରକ୍ତଲଗା ଟାଙ୍ଗିଆକୁ ପୋଲିସ ଜବତ କରି ତଦନ୍ତ କରୁଛି । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିସ୍ତାଳୟରେ ଉଭୟ ମୃତ ଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ମୃତ ଶାଳିପଙ୍କ ଭାଇଙ୍କ ସୂଚନା ଅନୁସାରେ ଆମର ଓ ଭଣଜା ଘର ଗୋଟିଏ ଗାଁରେ । ମାମୁଁ ସଲିପି ଜଣେ ମାନସିକ ବିକାରଗ୍ରସ୍ତ ରୋଗୀ ୧୫ ବର୍ଷ ହେଲା ଘରେ ଓ ବାହାରେ କ୍ଷତି କରି ଆସୁଥିଲେ । କଟକ ବଡ଼ ମେଡିକାଲରେ ଚିକିତ୍ସା ପରେବି ସୁଫଳ ମିଳିନଥିଲା । ଏବେ କିଛିଦିନ ହେବ ଟାଙ୍ଗିଆ । ଧରି ବିଭିନ୍ନ ଲୋକଙ୍କୁ ମାରିବାକୁ ଗୋଡ଼ଉଥିଲା ଗତ ମଙ୍ଗଳବାର ତାଙ୍କ ଉତ୍ପାତ ଯୋଗୁ ଆମ୍ଭ ୨ ଭାଇଙ୍କ ପରିବାର ଘର ଛାଡ଼ିଥିଲୁ । ଭଣଜା ନୟାଗଡ଼ର ଜଣେ ମାଜିଷ୍ଟ୍ରେଟଙ୍କ ପାଖରେ ହୋମଗାର୍ଡ ଡିୟୁଟି କରି ପ୍ରତିଦିନ ଘରକୁ ଫେରୁଥିଲେୟ ବୁଧବାର ଭଣଜା ଲିଲୁ ଗାଁ ପୋଖରୀ ମାଛ ଭାଗ ନେବା ପାଇଁ ଘରକୁ ଆସିଥିଲେ ମାମୁଁ ଘରେ ବିବାଦ ଶୁଣି ମାମୁଁଙ୍କୁ ବଞ୍ଚାଇବାକୁ ଯାଇଥିଲେ ବୋଲି ଶୁଣିଛୁ । ମସ୍ତିକ ବିକୃତ ମାମୁଁଙ୍କ ପାଖକୁ ନଯିବା ପାଇଁ ବାରମ୍ବାର ବାରଣ କରିଥିଲୁ । ମାମୁଁ ଭଣଜା ମରିବା ସମୟରେ ଆମେ ନୟାଗଡ଼ରେ ଥିଲୁ । ସଳିପିଙ୍କ ପାଗଳାମି ବଢିବାଯୋଗୁ ମେଡିକାଲରେ ଭର୍ତ୍ତି କରିବା ପାଇଁ ଜିଲ୍ଲାପାଳଙ୍କ ପାଖକୁ ଦୁଃଖ ଜଣାଇବାକୁ ଆସିଥିଲୁ ବୋଲି ସେ କହିଛନ୍ତି । ମୃତ ଲିଲୁଙ୍କ ମା କହିଛନ୍ତି ମାମୁଁ ଭଣଜାକୁ ମାରିଦେବ ବୋଲି ଜାଣିନଥିଲା ମାମୁକୁ ବୁଝାଇବାକୁ ଯାଇଥିଲା ଭିତରେ ହଣା ହଣି ଶବ୍ଦ ଶୁଣି ଗାଁଲୋକ ଘର ଭିତରକୁ ପଶିଥିଲେ ମଧ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା ମୋ ଭାଇଙ୍କର ମୃତ୍ୟୁ କିପରି ହୋଇଛି ଜାଣିନି । ମୋ ପୁଅକୁ ଭାଇ ହାଣିଦେଇଛି କହି କାନ୍ଦିଥିଲେ । ଏ ନେଇ ଥାନାରେ ଅଭିଯୋଗ ହେଇଥିବା ଜଣାପଡିଛି ।

# ମିଷ୍ଟାନ ବାଣ୍ଟି ସାମ୍ବାଦିକ ମାନଙ୍କ ସହ ନିଆରା ଢଙ୍ଗ ରେ ନବ ବର୍ଷ ପାଳନ କଲେ ଛତ୍ରପୁର ବିଧାୟକ

ଛତ୍ରପୁର, ୧ ।୧ :(ମନ୍ଥନ)ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନବ ବର୍ଷ ନିଆରା ଢଙ୍ଗ ରେ ପାଳନ କରିଛନ୍ତି । ପ୍ରଥମେ ଗରିବ ଅସହାୟ ବ୍ୟକ୍ତି ଙ୍କ ସହ କିଛି ସମୟ ବିତାଇବା ପରେ ଛତ୍ରପୁର ସାମ୍ବାଦିକ ମାନଙ୍କ ସହ ମିଶି ନୂତନ ବର୍ଷ ର ନିଆରା ଅନୁଭୂତି ସାଉଁଟିଛନ୍ତି କ୍ଷ ସାମ୍ବାଦିକ ମାନଙ୍କୁ ନିଜେ ବିଧାୟକ ଶ୍ରୀ ନାୟକ ମିଷ୍ଟାନ ବାଣ୍ଟିବା ସହ ନୂତନ ବର୍ଷ ର ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସର ରେ ସାମ୍ବାଦିକ ମାନେ ବିଧାୟକଙ୍କୁ ମିଷ୍ଟାନ ଖୁଆଇ



ଏବଂ ହାତ ମିଶାଇ ନୂତନ ବର୍ଷ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ ବିଧାୟକ ଶ୍ରୀ ନାୟକ ସାମ୍ବାଦିକ ମାନଙ୍କ ସହ ନିର୍ବାଚନ ମଣ୍ଡଳୀର ଉନ୍ନତି ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଅବସର ରେ ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ର ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ଛତ୍ରପୁର ପ୍ରେସ କ୍ଲବ ର ସଭାପତି ସରୋଜ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ, ଯୁବ ସାମ୍ବାଦିକ ବସନ୍ତ କୁମାର ମହାରଣା, ସୁଜୟ ସୁ ପ୍ରକାଶ ଧଳ, ସନ୍ତୋଷ କୁମାର ସାହୁ,ଭଗବାନ ଦାଶ, ଗୌରପ୍ରସାଦ ମହାପାତ୍ର, କିଶୋର ଚନ୍ଦ୍ର ମହାନ୍ତି କେ. ରମେଶ୍, ରବୀନ୍ଦ୍ର ନାହାକ ଏବଂ ଯୁବ ନେତ୍ରା ବନୋଜ ନାହାକ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ, ଜଗଦଲପୁର ବିଜୟୀ

କୁକୁଡାଖଣ୍ଡି,୧ ।୧ :(ମନ୍ଥନ)କ୍ରୀଡା ଭାବନା ଓ ଯୁବ ଶକ୍ତିର ସୁନ୍ଦର ସମନ୍ୱୟ ମଧ୍ୟରେ କୁକୁଡାଖଣ୍ଡି ମିନି ଷ୍ଟାଡିୟମ୍ ପରିସରରେ ଆୟୋଜିତ ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି । ପୂର୍ବତନ ଅଧକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ସ୍ମୃତିରେ ଯୁବଗୋଷ୍ଠୀ ଙ୍କ ପକ୍ଷରୁ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୀର୍ଘ ୧୧ ଦିନ ଧରି ଚାଲିଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଜଗଦଲପୁର ଟିମ୍ ଓ ବିସିସି ବ୍ରହ୍ମପୁର ଟିମ୍ ମଧ୍ୟରେ ଖେଳାଯାଇଥିଲା । ମ୍ୟାଚ୍ରେ ଜଗଦଲପୁର ଟିମ୍ ୩୩ ରନ୍ରେ ବିସିସି ବ୍ରହ୍ମପୁରକୁ ପରାସ୍ତ କରି ବିଜୟୀ ହେବାର ଗୌରବ ହାସଲ କରିଥିଲା । ଉଦଯାପନ ସମାରୋହରେ ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ସରପଞ୍ଚ ବଶିଷ୍ଟ ଜେନା, କ୍ରାନ୍ତି କୁମାରୀ ଦେବୀ, ପୂର୍ବତନ ସରପଞ୍ଚ ଅଦଳ ଚେନେୟା, ଭବାନୀ ଶଙ୍କର ବିଶ୍ୱାଳ ସହ ଅନ୍ୟାନ୍ୟ ବହୁ ଅତିଥିମାନେ ମଞ୍ଚାସୀନ ରହିଥିଲେ । ଅତିଥିମାନେ ବିଜୟୀ ଓ ପରାଜିତ ଟିମ୍ର ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମଟି ସଂଯୋଗ ପଟ୍ଟନାୟକ (ହଟିଆ)ଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ବେଳେ ଭିନ୍ନକ୍ଷମ ନେତା କେ. ମଣି ବାବୁ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ସମ୍ପାଦକ କେ ଅଭିନାଶ,ସହ ସମ୍ପାଦକ ଗଙ୍ଗାଧର ମହାନ୍ତି,ଶୁଭମ୍ ସାହୁ ସହ ବହୁ ଯୁବଗୋଷ୍ଠୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କେନ୍ଦ୍ରାପଡାରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ

କେନ୍ଦ୍ରାପଡ଼ା,୧ ।୧ :(ମନ୍ଥନ)କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଝୁଲଣମଣ୍ଡପ ସମ୍ମୁଖରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଦିବ୍ୟଜୀବନସଙ୍ଘ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରାର୍ଥନା ଦିବସରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରୀମାଙ୍କ ଉଦ୍ୟମରେ ଆଜିକୁ ଦୀର୍ଘ ୯ବର୍ଷ ଧରି ପାଳିତ ହୋଇ ଆସୁଥିବା ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ସାରା ବିଶ୍ୱର କଲ୍ୟାଣ ପାଇଁ ଅଭିପ୍ରେତ । ଶ୍ରୀମାଙ୍କ ଏହି ଉଦ୍ୟମକୁ ଜିଲ୍ଲାପାଳ ଶ୍ରୀ ଆୟାର ପ୍ରଶଂସା କରିବା ସହ ସାଧୁବାଦ ଜଣାଇବା ସହ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରିଥିଲେ । ମୁଖ୍ୟଅତିଥି ଭାବେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ବିଶ୍ୱର ଶାନ୍ତି ନିମିତ୍ତ ଏଭଳି ଦିବସ ପାଳନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଶ୍ରୀମାଙ୍କ ପ୍ରତ୍ୟେକ୍ଷ ପ୍ରଚେଷ୍ଟାରେ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଥିବା ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ଓଡିଶାର ବିଭିନ୍ନ ଜିଲ୍ଲା, ବ୍ଲକ ସଦର ମହକୁମା ସମେତ କେତେକ ରାଜ୍ୟରେ ପାଳିତ ହୋଇ ଆସୁଅଛି । ଶ୍ରୀମାଙ୍କ ଏଭଳି ସାଧୁ ଉଦ୍ୟମ ପାଇଁ ବିଧାୟକ ଡ. ନାୟକ ସାଧୁବାଦ ଜ୍ଞାପନ କରିବା ସହ ଏହି ଦିବସ ଦେଶର ସମସ୍ତ ସ୍ଥାନରେ ପାଳନ କରାଯିବା ପାଇଁ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରି ଏହାର ଆବଶ୍ୟକ ବିଧିବ୍ୟବସ୍ଥା କରିବେ ବୋଲି



ପ୍ରତିଶୃତି ଦେଇଥିଲେ । ଏଥିସହିତ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପାଇଁ ନିର୍ମାଣାଧିନ ତୁଳସୀଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ମଧ ପ୍ରତିଶୃତି ଦେଇଥିଲେ । ଶ୍ରୀମା ଏହି ଅବସରରେ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା ଦିବସ ପାଳନ କରାଯିବାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ବାବାଜୀ ରାମସରଣାନନ୍ଦ ସରସ୍ୱତୀ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ଡ଼. ବାସୁଦେବ ଦାସ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, କବି କରୁଣାକର ଦାସ, ଶୁଭାଂଶୁ ଦାସ, ଅଭିମନ୍ୟୁ ଗୋଛାୟତ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ନୃସିଂହ ଚରଣ ତ୍ରିପାଠୀ, ପ୍ରାଧାପକ ଅଜୟ ସାମଲ, ଦ୍ରୌପଦୀ ରାଉତ ପ୍ରମୁଖ ପ୍ରାର୍ଥନା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ. ବି. କେ ସ୍ନେହଲତା ପ୍ରଧାନ, ସରୋଜ କୁମାର ମହାନ୍ତି, ବାବାଜୀ ନୃସିଂହ ଦାସ, ପୁନମ ନାୟକ, ପ୍ରଭାତ କୁମାର ପରିଡା, ସାବିତ୍ରୀ ପରିଡା, ବିକ୍ରମ କେଶରୀ ରାଉତରାୟ, ବଳଦେବ ସେନା ସଭାପତି ପୁପୁନ କୁମାର ସ୍ୱାଇଁ, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଓ ଭକ୍ତମାନେ ଉପସ୍ଥିତ ଥିଲେ । କେନ୍ଦ୍ରାପଡା ସମେତ ଜିଲ୍ଲାର ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡା, ଗରଦପୁର, ପାଟକୁରା, ଡେରାବିଶ ସମେତ କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍ଥାନ, ଭୁବନେଶ୍ୱର, କଟକ, ସମ୍ବଲପୁର, ଅନୁଗୁଳ, ଜଗତସିହପୁର, ଯାଜପୁର, ରାଉରକେଲା ଓ ବାଙ୍ଗାଲୋର, ଅହମଦାବାଦ, ଦିଲ୍ଲୀ ଭଳି ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି ।

# ଶିବ ଲୋକମ ଶ୍ମଶାନ ଓ ଶିଶୁ ଉଦ୍ୟାନର ପୁନଃଉଦ୍ଧାର କାର୍ଯ୍ୟର ଶୁଭାରମ୍ଭ

ବ୍ରହ୍ମପୁର,୧ ।୧ :(ମନ୍ଥନ)ସ୍ଥାନୀୟ ଫାଷ୍ଟ ଗେଟ୍ ନିକଟସ୍ଥ ତଥା ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଓ୍ୱାର୍ଡ଼ ନମ୍ବର ୪ ଠାରେ ଅବସ୍ଥାପିତ ଦେବାଙ୍କ ଶିବ ଲୋକମ ଶ୍ମଶାନ ପୁନଃଉଦ୍ଧାର କାର୍ଯ୍ୟର ଶୁଭାରମ୍ଭ ହୋଇଛି । ଏହା ମାନ୍ୟବର ବିଧାୟକ ବ୍ରହ୍ମପୁର ଶ୍ରୀ କେ ଅନିଲ କୁମାରଙ୍କ କରକମଳରେ ଶୁଭାରମ୍ଭ ହୋଇଥିବା ବେଳେ, ଏଥିରେ ବ୍ରହ୍ମପୁର ମହାନଗର ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବିଭାଗୀୟ ଯନ୍ତ୍ରୀ, ଓ୍ୱାର୍ଡ ନମ୍ବର ୪’ର କର୍ପୋରେଟର ଶ୍ରୀମତୀ ସନ୍ଧ୍ୟାରାଣୀ ଶୁକ୍ଳ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ପ୍ରମୁଖ ଯୋଗଦାନ କରିଥିଲେ । ତେବେ ସୂଚନା ଅନୁସାରେ ଏହି ପ୍ରକଳ୍ପ ନିମନ୍ତେ ଅଟକଳ ମୂଲ୍ୟ ୪୦,୬୧,୫୭୧ ବ୍ୟୟ ବରାଦ ହୋଇଥିବା ବେଳେ, ଧୋବା ବନ୍ଧ ହୁଡ଼ା ନିକଟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶିଶୁ ଉଦ୍ୟାନର ପୁନରୁଦ୍ଧାର ନିମନ୍ତେ ମଧ ଅଟକଳ ମୂଲ୍ୟ ୪୫,୪୭,୪୦୦ ଟଙ୍କା ବିନିମୟରେ କାର୍ଯ୍ୟ ଗୁଡିକର ଶୁଭାରମ୍ଭ ହୋଇଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନଙ୍କ ସମେତ ଅଞ୍ଚଳର ବହୁ ଜନ ସାଧାରଣ ଉପସ୍ଥିତ ଥିବା ସହ ଏହି ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସ୍ଥାନୀୟ ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି ।

# ନୂଆ ବର୍ଷରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୧ ।୧ :(ମନ୍ଥନ)ନୂଆ ବର୍ଷ ଅବସରରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ବିଭାଗର ଆଗାମୀ କାର୍ଯ୍ୟାପନ୍ଥା ସମ୍ପର୍କରେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଅଧିକାରୀ ମାନେ ନିଜ ନିଜ ବିଭାଗର ପ୍ରସ୍ତାବିତ କାର୍ଯ୍ୟ ଯେପରିକି ଅଡ଼ିଟୋରିୟମ ନିର୍ମାଣ ,ଅତିଥି ଭବନ, ଇଣ୍ଡୋର ହଲ, ସୁଇମିଂ ପୁଲ୍ ନିର୍ମାଣ, ଶୀତଳ ଭଣ୍ଡାର, ନୂତନ ରାସ୍ତା ନିର୍ମାଣ ସହିତ ଅନ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବିଭାଗର ସଫଳତା ହିଁ ଜିଲ୍ଲାର ସଫଳତା ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ୍, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ ।

ଶୁକ୍ରବାର, ୦୨ ଜାନୁଆରୀ ,୨୦୨୬ ଭୁବନେଶ୍ୱର
FRIDAY, 02 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଆନ୍ତି । ।।

# ମେଦବହୁଳେ ସର୍ବନାଶ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ । ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ' । ପ୍ରାଚୀନ ସମୟର 'ଖନାବଚନ'ର ଏହି ଦୁଇଟି ଧାଡ଼ି କିନ୍ତୁ ଆଜିର ସମୟରେ ଯୁଗପୋଯୋଗୀ ଓ ପ୍ରାସଙ୍ଗିକ ମଧ୍ୟ । ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା କହିବା ବାହୁଲ୍ୟମାତ୍ର । ଆବଶ୍ୟକତା ଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରୀ ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ । କେବଳ ବୟସ୍କ ନୁହନ୍ତି, ଛୋଟପିଲାଙ୍କ ଠାରୁ ଯୁବକ ଓ ମହିଳା ମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ । ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ । ଆଉ ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ । ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ । କେବଳ ସେତିକି ନୁହେଁ ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି । ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି । ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ୍ୟ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ । ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି । ଘଣ୍ଟା ଘଣ୍ଟା ଧରି ମୋବାଇଲ, ଇଣ୍ଟରନେଟ, କମ୍ପ୍ୟୁଟର ସାମ୍ନାରେ ବସି ରହିବା ଦ୍ୱାରା ଜଣେ ଖାଇଥିବା ଖାଦ୍ୟ ସୁଷମ ଭାବରେ ହଜମ ହେବାର ପାଚନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ । ମେଦବହୁଳତା ପ୍ରସଙ୍ଗରେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭରର ସମ୍ପର୍କ ରହିଛି । ଖାଦ୍ୟ ପେଟ ଭିତରକୁ ଗଲାପରେ ଏହା ଲିଭର ସଂସ୍ପର୍ଶରେ ଆସି ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ତେଣୁ ମେଦବହୁଳତା ନିଶ୍ଚିନ୍ତ ଭାବରେ ଲିଭର ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ମେଦବହୁଳତା ହେଲେ ଲିଭର ଭିତରେ ଚର୍ବି ଜମିଯାଏ । ଏହି ଚର୍ବି ଗୁଡ଼ିକ ଧିରେ ଧିରେ ଲିଭରର କୋଷକୁ ଆକ୍ରାନ୍ତ କରି ଏକ ପ୍ରଦାହ ସୃଷ୍ଟି କରେ ।

ପ୍ରଥମ ଅବସ୍ଥାରେ ଏହାକୁ ଫ୍ୟାଟି ଲିଭର କୁହନ୍ତି ଓ ଦ୍ୱିତୀୟ ଅବସ୍ଥାରେ ଏହାକୁ ନାସ୍ ବୋଲି କୁହନ୍ତି । ଧିରେ ଧିରେ ଲିଭର ଭିତରେ ସୂତ୍ରତନ୍ତୁମୟତା ବଢ଼ିଯାଇ ଫାଇବ୍ରୋସିସ୍ ହୁଏ । ଏହା ଲିଭରରେ ମୋଟା କ୍ଷତ ଦାଗ ସୃଷ୍ଟି କରେ ଓ ଲିଭର ଭିତରେ ଛୋଟ ଛୋଟ ଗ୍ରନ୍ଥି ହୋଇ ଏହା ଫୁଲିଯାଏ । ଏହାକୁ ଲିଭର ସିରୋସିସ୍ କୁହନ୍ତି । ଧିରେ ଧିରେ ଲିଭର ସିରୋସିସ୍ ବଢ଼ି ଲିଭର କ୍ୟାନସରରେ ରୂପାନ୍ତରିତ ହୁଏ । ମେଦବହୁଳତା ଯୋଗୁଁ ୭୦% କ୍ଷେତ୍ରରେ ଫ୍ୟାଟିଲିଭର ହୁଏ ଓ ୧୫ରୁ ୨୦% କ୍ଷେତ୍ରରେ ତାହା ଲିଭରସିରୋସିସ୍ ହୁଏ । ଏହା ବ୍ୟତୀତ ଡାଏବେଟିସ୍, ଗଣ୍ଠିବାତ ରୋଗ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ ଓ ଶ୍ୱାସଜନିତ ସମସ୍ୟା ଦେଖାଦିଏ । ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବୃଦ୍ଧି ପାଇ ଗଣ୍ଠିବାତ ମଧ୍ୟ ହୁଏ । ଧିରେ ଧିରେ ବୃକକ୍‌କୁ ମଧ୍ୟ ଆକ୍ରାନ୍ତ କରେ ଓ ମସ୍ତିଷ୍କରେ ରକ୍ତ ପ୍ରବାହ କମିଯାଏ ଓ ବେଳେ ବେଳେ ପାରାଲେସିସ୍ ମଧ୍ୟ ହୁଏ । କେତେକ କ୍ଷେତ୍ରରେ ମେଦବହୁଳତା ପରିବାରର ଜିନ୍ ସଂକ୍ରାନ୍ତୀୟ ବଂଶାନୁକ୍ରମିକ ଭାବେ ଜଣକୁ ହୋଇଥାଏ କିନ୍ତୁ, ଏହାର ସମ୍ଭାବନା କମ୍ । ଏହି ମେଦବହୁଳତାର ନିରାକରଣ ପାଇଁ ପ୍ରତିଦିନ ନିୟମିତ ବ୍ୟାୟାମ, ପ୍ରାଣାୟାମ ଓ ଯୋଗ କରିବା ସହିତ ଖାଦ୍ୟପେୟର କଟକଣା କରିବା ଉଚିତ । ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ । ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଫ୍ରିଜ୍‌ର ଥଣ୍ଡାଖାଦ୍ୟ, ଚକୋଲେଟ, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟ ଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ । ଏପରିକି ଅତ୍ୟଧିକ ଅଣ୍ଡା, ମାଛ, ମାଂସ, ଘିଅ, ଲହୁଣି, ତୈଳଜାତୀୟ ଖାଦ୍ୟ ଆଦି ଖାଇବା ନିଷେଧ । ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିରାମିଷ ଖାଦ୍ୟ ପ୍ରସଙ୍ଗରେ କହିଛନ୍ତି - ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼ । ଆମିଷରେ ବିଧାନ ଉତ୍ତେଜିତ, ଅଯଥା ହୁଏ ଜର୍ଜରିତ । ଖାଇସାରିବା ପରେ ଅଧିକ ସମୟ ବସି ରହିଲେ ପେଟ ବଢ଼ିଥାଏ । ଛାତ୍ରଛାତ୍ରୀମାନଙ୍କ ନିକଟରେ ଏହି ରୋଗ ଦେଖାଦେଲେ ସେମାନଙ୍କର ସ୍ମରଣଶକ୍ତି ହ୍ରାସ ଘଟିଥାଏ । ତେଣୁ ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଧ୍ୟୟନ, ଖେଳକସରତ, ଯୋଗ, ପ୍ରାଣାୟାମ ଓ ଧ୍ୟାନ କରିବା ଉଚିତ । କଠିନ ପରିଶ୍ରମ ହିଁ ମେଦ ବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ । ସେଥିପାଇଁ ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରତିବର୍ଷ ନଭେମ୍ବର ୨୮ ତାରିଖକୁ ବିଶ୍ୱ ମେଦବହୁଳତା ଦିବସ ରୂପେ ବିଧିବଦ୍ଧ ଭାବେ ପାଳନ କରାଯାଏ ।

ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ, କଲେଜ, କଟକ,
ଦୂରଭାଷ : ୯୩୩୮୧୦୦୮୩୭

# ଧର୍ମର ପ୍ରକୃତ ସ୍ୱଭାବ

### ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଗୋଟିଏ ଖରାପ କାମ କରି ଯେପରି ଉତ୍ତମ ଫଳ ଆଶା କରାଯାଇ ନପାରେ, ସେହିପରି ଗୋଟିଏ ଉତ୍ତମ କାମ କରି ମନ୍ଦଫଳ ପାଇବାର ଆଶଙ୍କା କରିବା ଉଚିତ ନୁହେଁ । ଲେମ୍ବୁ ମଞ୍ଜି ପୋତି ଆମ୍ବଗଛ ଆଶା କରିପାରିବ କି ସବୁ ଧର୍ମ ଓ ସବୁ ରୂପର ସମ୍ପର୍କ ପରମାତ୍ମାଙ୍କ ସହିତ । ମଣିଷ ଯେତେ ସବୁ ମୂର୍ତ୍ତିପୂଜା କରେ, ସମସ୍ତଙ୍କ ମଧ୍ୟରେ ପରମାତ୍ମା ବିରାଜିତ । ଏ ସମଗ୍ର ସଂସାର ଭିତରେ ବହୁ ପ୍ରକାରର ଜୀବ ଅଛନ୍ତି । ମାତ୍ର ଏ ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ । ଆହାର ଓ ବିହାର ସବୁ ପ୍ରାଣୀଙ୍କ ମଧ୍ୟରେ ସାଧାରଣ ଗୁଣ, ମାତ୍ର ମନୁଷ୍ୟ ଠାରେ ଦୁଇଟି ବିଶେଷ ଗୁଣ ଅଛି । ସେ ଦୁଇଟି କେଲା ଧର୍ମ ଓ ଜ୍ଞାନ । ଏ ଦୁଇଟି ବିନା ମଣିଷ ପଶୁ ସହ ସମାନ । ସେଥିପାଇଁ ମଣିଷର କର୍ତ୍ତବ୍ୟ ହେଲା ଧର୍ମ କ'ଣ ତାହା ବୁଝିବା । ସାମାଜିକ ଓ ଆଧାତ୍ମିକ ପ୍ରଗତି ନିମନ୍ତେ ଧର୍ମ ମନୁଷ୍ୟକୁ କିଛି ନିର୍ଦ୍ଦିଷ୍ଟ ଆଚରଣ ବିଧି ଶିଖାଏ, କିଛି ନିର୍ଦ୍ଦିଷ୍ଟ ବିଧି ନିଷେଧ ବଢ଼ାଏ । ଯେଉଁମାନେ ଧର୍ମର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ଧର୍ମ ସେମାନଙ୍କର ଅନିଷ୍ଟ କରିବାକୁ ମଧ୍ୟ ସମର୍ଥ । ସେହିପରି ଯେଉଁମାନେ ଧର୍ମ ମାର୍ଗରେ ଜୀବନ କଟାନ୍ତି ଧର୍ମ ସେମାନଙ୍କର ରକ୍ଷା କରିବାକୁ ସମର୍ଥ । ଧର୍ମର ଆଉ ଗୋଟିଏ ମହତ ଗୁଣ ହେଲା, ଧର୍ମ ଯେଉଁଠି ବିଜୟ ସେଇଠି ଥାଏ । ଏ ଦେଶରେ ବହୁ ପଣ୍ଡିତ ବିଦ୍ୱାନ ଲୋକ ଧର୍ମ ଶବ୍ଦଟିର ଅନେକ ବ୍ୟାଖ୍ୟା କରିଛନ୍ତି । ଯୁଗ ଯୁଗ ଧରି ଏ ଦେଶ ଧର୍ମର ରଜ୍ଜୁ ଦ୍ୱାରା ଏପରି ବନ୍ଧା ହୋଇ ରହିଛି ଯେ, ଧର୍ମ ସମ୍ବନ୍ଧରେ ଏ ଦେଶ ଅନ୍ୟ ସବୁ ଦେଶର ଆଦର୍ଶ ଭାବରେ ଠିଆ ହୋଇ ରହିଛି । ବହୁ ଅର୍ଥ ଯୁକ୍ତ ଏହି ଶବ୍ଦଟିକୁ ଆଜିକାଲି କେବଳ ଗୋଟିଏ ଶବ୍ଦରେ ବର୍ଣ୍ଣନା କରାଯାଉଛି ତାହା ହେଲା କର୍ତ୍ତବ୍ୟ । ମାତ୍ର ଧର୍ମ ଅର୍ଥ କର୍ତ୍ତବ୍ୟ ନୁହେଁ । କର୍ତ୍ତବ୍ୟ ଜଣେ ବ୍ୟକ୍ତି ଗୋଟିଏ ଅବସ୍ଥା, ଗୋଟିଏ ଦେଶ ବା କାଳ ସହିତ ସଂପୃକ୍ତ । ମାତ୍ର ଧର୍ମ ଅନାଦି, ଅନନ୍ତ, ଏହାସବୁ ପ୍ରାଣୀଙ୍କ ପାଇଁ ସର୍ବତ୍ର ସମାନ । ଏହା ଅନ୍ତରାତ୍ମାର ତାତ୍ପର୍ଯ୍ୟ ବହନ କରେ । ଧର୍ମର ଜନ୍ମସ୍ଥାନ ହୃଦୟ । ହୃଦୟରୁ ନିର୍ଗତ ନିର୍ମଳ ଭାବନାଟିଏ କର୍ମରେ ରୂପାନ୍ତରିତ ହେଲେ ତାହା ଧର୍ମର ନାମ ବହନ କରେ । ତୁମ୍ଭେମାନେ ବୁଝିଲା ଭଳି କହିଲେ, ଧର୍ମ ହେଲା, ଅନ୍ୟମାନଙ୍କ ଠାରୁ ତୁମେ ଯେପରି ବ୍ୟବହାର ଆଶା କରୁଛ, ସେମାନଙ୍କୁ ସେହିପରି ବ୍ୟବହାର ଦେଖାଅ । ଅନ୍ୟମାନଙ୍କୁ କଷ୍ଟ ହେଲାଭଳି କର୍ମ ନକରିବା ହିଁ ଧର୍ମ । ଅନ୍ୟ କିଏ ତୁମ ସୁଖ ଦେଲେ ତୁମେ ମଧ୍ୟ ଏପରି କର୍ମ କରିବା ଉଚିତ ଯାହା ତାକୁ ସୁଖ ପ୍ରଦାନ କରିବ । ଅନ୍ୟମାନେ ତୁମର ଦୁଃଖ କଷ୍ଟର କାରଣ ହେଲେ ତୁମେ ବି ସେମାନଙ୍କ ଦୁଃଖ-କଷ୍ଟର କାରଣ ହେବା ଅଧର୍ମ ।

ବେଳେ ବେଳେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦୁଷ୍କର୍ମ କରୁଥିବା ଲୋକଙ୍କୁ କଠୋର ଭାବରେ ତିରସ୍କାର କରିବାକୁ ପଡ଼େ ତାର ସଂସ୍କାର ନିମନ୍ତେ । ବେଳେବେଳେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛୁରୀ ବ୍ୟବହାର କରୁଥିବା ଲୋକ ଅତ୍ୟନ୍ତ କ୍ରୁର ଏବଂ ଅଧର୍ମୀ ବୋଲି କୁହାଯାଇ ପାରିବ ନାହିଁ । ଜଣେ ସର୍ଜନ ହୃଦରୋଗୀକୁ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଛୁରୀ ବ୍ୟବହାର କରିଥାଏ । ଏହା କ୍ରୁରତାର ଚିହ୍ନ, ନା ମିତ୍ରତାର ଚିହ୍ନ କିଛି ଅସତ୍ୟ କାମ କଲେ ତାହା ଅଧର୍ମ ହେବ, ମାତ୍ର ଯାହା ପ୍ରେମର ସହ କରାଯାଏ ତାହା ଅଧର୍ମ ନୁହେଁ । ସମଗ୍ର ଆଇନ ବ୍ୟବସ୍ଥା, ନୀତି ବ୍ୟବସ୍ଥା ପ୍ରେମ ଉପରେ ଆଧାରିତ । ଉଦାହରଣ ସ୍ୱରୂପ ପିଲାଟିଏ ଯଦି ଦୁଷ୍କର୍ମ କରେ, ଆଉ ତାର ମାଆ ସେଥିପାଇଁ ତାକୁ ପିଟେ, ଏହାକୁ କଣ କ୍ରୁରତା ଓ ଅଧର୍ମ କହିବ ଧର୍ମ ଅନେକ ପ୍ରକାରର । କାଳଧର୍ମ, ସଂସାର ଧର୍ମ, ହୃଦୟ ଧର୍ମ, ଗୋଷ୍ଠୀଧର୍ମ, ଆଦି ନାନା ରକମର ଧର୍ମ ଅଛି । ଏସବୁ ଧର୍ମର ସମାହାର ହେଉଛି ସନାତନ ଧର୍ମ । ଏହି ଦୃଷ୍ଟିରୁ କହିବା ସମ୍ଭବ ଯେ ସବୁ ଧର୍ମ ଓ ସବୁ ରୂପ ପରମେଶ୍ୱରଙ୍କର । କୌଣସି ଧର୍ମ ତୁମକୁ ପିତାମାତାଙ୍କୁ ଅଶ୍ରଦ୍ଧା କରିବା, ଶିକ୍ଷକଙ୍କର ଅସମ୍ମାନ କରିବା ଶିଖାଏ ନାହିଁ । କୌଣସି ଧର୍ମ ମଣିଷକୁ ମିଛ କହିବା ଶିଖାଏ ନାହିଁ । ସବୁ ଧର୍ମ ମଧ୍ୟରେ ସମାନ କିଛି ସାଧାରଣ ଉପଦେଶ ରହିଛି, ଯାହା ସମସ୍ତଙ୍କ ପାଇଁ ଭଲ । କିନ୍ତୁ ବର୍ତ୍ତମାନ ଏହି ସାଧାରଣ ସତ୍ୟକୁ ଲୋକେ ଉପେକ୍ଷା କରି କୌଣସି ଧର୍ମରେ ନଥିବା ନୀତି ପ୍ରତି ଆକୃଷ୍ଟ ହେଉଛନ୍ତି । ସେଥିପାଇଁ ଅଧର୍ମର ପ୍ରାଦୁର୍ଭାବ ଏତେ ବଢ଼ିଯାଇଛି । ଯଦି ଆପଣା ଧର୍ମରେ ଦୃଢ଼ ବିଶ୍ୱାସ ରଖି ଲୋକେ ଆପଣା ଧର୍ମ ପାଳନ କରିବାରେ ମନ ଦିଅନ୍ତେ । ତେବେ ଏତେ ବାଦ ବିସମ୍ବାଦ ଜାତ ହୁଅନ୍ତା ନାହିଁ, କିମ୍ବା ଲୋକେ ଏପରି ଅସଭ୍ୟ ଆଚରଣ ଦେଖାନ୍ତେ ନାହିଁ । ଆପଣା ଧର୍ମରେ ବିଶ୍ୱାସ ଅଛି ବୋଲି ଚିତ୍କାର କରି ଯଦି ତୁମେ ଧର୍ମ ବିରୁଦ୍ଧ ଆଚରଣ କରିବ ତେବେ ଅନ୍ୟାନ୍ୟ ଧର୍ମରେ ତୁମର କି ବିଶ୍ୱାସ ରହିବ ତାହା ବୁଜିବାକୁ ଆଉ ବାକି ରହିବ ନାହିଁ । ଧର୍ମରେ ଯଦି ପ୍ରକୃତ ବିଶ୍ୱାସ ଅଛି, ତେବେ ଧର୍ମ ବିରୁଦ୍ଧ ଆଚରଣ କରିବ କିପରି ମୁହଁର କଥା ଓ ଆଚରଣ ମଧ୍ୟରେ ବିରୋଧ ରହିବା ଅର୍ଥ ଧର୍ମକୁ କେବଳ ଗୋଟାଏ ଗୋପାଳ ବୋଲି ଯାହାସବୁ କହନ୍ତି ସେ ସବୁ କେବଳ ମୁହଁର କଥା, ହୃଦୟ ଭିତରେ ଏଥିରୁ ଏତେ ଟିକେ ବି ନାହିଁ । ତୀର୍ଥକ୍ଷେତ୍ରକୁ ଗଲେ ମନ୍ଦିର ବା ଉପାସନା କ୍ଷେତ୍ରକୁ ଗଲେ ଲୋକେ ଯେତେ ଭକ୍ତି ଓ ବିଶ୍ୱାସ ଦେଖାନ୍ତି ସେ ସବୁ ସେଠାରୁ ଫେରି ଆସିଲାବେଳେ ସେଠାରେ ହିଁ ଛାଡ଼ି ଦେଇ ଆସନ୍ତି । ଏମାନଙ୍କ ପାଇଁ ଗୀତାରେ ଗୋଟିଏ ଉପଦେଶ ଅଛି ସତତଂ ଯୋଗିନଃ ଅର୍ଥାତ୍ ନିରନ୍ତର ଯୋଗସ୍ଥ ହୋଇ ରହ, ଭକ୍ତର ଭକ୍ତି ସତତ ରହୁ । ପୂଜା, ଜପ କଲାବେଳେ କେବଳ ଭକ୍ତି, ଅନ୍ୟ ସମୟରେ ସେ ସବୁ କିଛି ନାହିଁ । ସଦଗୁଣ ଓ ସଦାଚାର କେବଳ ଗୋଟିଏ ସମୟ ବା ସ୍ଥାନ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ, ଏହା ସାରା ଜୀବନରେ ନିରନ୍ତର ଅଭ୍ୟାସ କରିବା ଉଚିତ ।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩

# ବଦଳିଲାଣି ପରିବେଶ

ଆକ୍ରମଣ ଏବଂ ଦେଶାନ୍ତର ଗମନ ମଧ୍ୟରେ ପାର୍ଥକ୍ୟ ରହିଛି । ସାଧାରଣତଃ କୌଣସି ଦେଶ ଉପରେ ଆକ୍ରମଣକରି ଆକ୍ରମଣକାରୀ ସେଠାରୁ ଧନ ଲୁଟିନିଏ ଏବଂ ଲୋକଙ୍କୁ ତାହାର ପ୍ରଜା ବୋଲି ଗଣିଥାଏ । ଏଭଳି ଆକ୍ରମଣ ଦେଶର ଅର୍ଥନୈତିକ ତଥା ରାଜନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ସଂସ୍କୃତିକୁ ବଦଳାଇ ଦେଇପାରେ । ଅନ୍ୟପକ୍ଷରେ ଦେଶାନ୍ତର ଗମନ ଅର୍ଥାତ୍ ଲୋକେ ସେମାନଙ୍କ ମୂଳ ସ୍ଥାନରୁ ନୂତନ ସ୍ଥାନକୁ ଯାଇ ସେଠାକାର ପରିବେଶ ସହ ଖାପଖୁଆଇ ଜୀବନ ନିର୍ବାହ କରିଥାନ୍ତି । ହେଲେ ସମୟକ୍ରମେ ପ୍ରବାସୀ ଓ ମୂଳବାସୀଙ୍କ ସଂସ୍କୃତି ମଧ୍ୟରେ ବିଭେଦ ଦେଖାଦେଇ ଉକ୍ଷତ୍ତଜନା ପ୍ରକାଶ ପାଏ । ଏହା ଏବେ କେତେକ ଦେଶରେ ଦେଖାଗଲାଣି । ଉଦାହରଣ ସ୍ୱରୂପ, ମୁସଲମାନ ପ୍ରବାସୀମାନେ ବ୍ରିଟେନ୍‌ରେ ହିଂସା ସୃଷ୍ଟିକରିବା ସହ ଅନେକ ୟୁରୋପୀୟ ଦେଶରେ ଅଶାନ୍ତିର କାରଣ ପାଲଟୁଥିବା ଦେଖାଗଲାଣି । ଆକ୍ରମଣ କହିଲେ ଲୁଣ୍ଠନ, ଉପନିବେଶବାଦ ଏବଂ ସାମ୍ରାଜ୍ୟବାଦ ପ୍ରତିଷ୍ଠାକୁ ସୂଚିତକରେ । ଲୁଣ୍ଠନକାରୀ ଆକ୍ରମଣକରି ଧନ ନେଇ ଚାଲିଯାଆନ୍ତି , ସେମାନେ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନିୟନ୍ତ୍ରଣକରି ରଖିବାକୁ ଚାହାନ୍ତି ନାହିଁ, ଯାହା ଘଟିଥିଲା ଗଜ୍‌ନୀର ମହମ୍ମଦଙ୍କ କ୍ଷେତ୍ରରେ । ଆଜକୁ ହଜାରେ ବର୍ଷ ପୂର୍ବ୍ୱେ ସେ ଭାରତକୁ ଲୁଣ୍ଠନକରି ଚାଲିଯାଇଥିଲେ । ଉପନିବେଶବାଦୀମାନେ କୌଣସି ଦେଶକୁ ପ୍ରବେଶକରି ସେଠାକର ରାଜନୈତିକ ଓ ଆର୍ଥିକ ବ୍ୟବସ୍ଥା ନିୟନ୍ତ୍ରଣକୁ ନେଇ ଶାସକ ପାଲଟିଯାଆନ୍ତି । ଉଦାହାଣ ସ୍ୱରୂପ ତୁର୍କୀର ସମ୍ରାଟ ମୁଇଜାଦ୍-ଦିନ୍ ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ତାଙ୍କ ସେନାଧ୍ୟକ୍ଷ ମାମୁଲୁକ କୁତୁବୁଦ୍ଦିନ୍ ଆଇବେକ୍‌ଙ୍କ ଦିଲ୍ଲୀ ସୁଲତାନ ପ୍ରତିଷ୍ଠା କରିଥିଲେ । ସମୟକ୍ରମେ ମୋଗଲଙ୍କର ରାଜପୁତଙ୍କ ସହ ସମ୍ପର୍କ ବଢ଼ିଲା, ଏପରିକି ବୈବାହିକ ସମ୍ପର୍କ ବୃଦ୍ଧିପାଇଲା । ଫଳରେ ମୋଗଲମାନେ ନିଜକୁ ବିଦେଶୀ ମନେ ନ କରି ସ୍ଥାନୀୟ ଲୋକ ବୋଲି ଭାବିନେଲେ । ଏଭଳି ଭାବନାକୁ ଭାରତର ଅନେକ ମୂଳ ଭାରତୀୟ ଗ୍ରହଣ କରିପାରୁ ନ ଥିଲେ । ସାମ୍ରାଜ୍ୟବାଦୀମାନେ ନିଜ ଦେଶକୁ ଧନ ଆଣିବା ସକାଶେ ଦୂର ଦେଶରେ ଶାସନ କରନ୍ତି , ଯାହା ବ୍ରିଟେନ ଏବଂ ଇଟାଲୀ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ଭାରତକୁ ବିଭିନ୍ନ ସମୟରେ ଅନ୍ୟ ଦେଶର ଲୋକେ ଆସିଛନ୍ତି । ଆଦି ମାନବ ଆଫ୍ରିକାର ମୂଳ ବାସିନ୍ଦା ଏବଂ ସେମାନେ ୬୦,୦୦୦ ବର୍ଷ ପୂର୍ବ୍ୱେ ସେଠାରୁ ଆସି ପ୍ରଥମେ ଭାରତରେ ପହଞ୍ଚିଥିଲେ । ୧୦,୦୦୦ ବର୍ଷ ପୂର୍ବ୍ୱେ ଇରାନୀୟ କୃଷକଙ୍କ ପୂର୍ବପୁରୁଷମାନେ ଭାରତ ଆସିଥିଲେ । ସେମାନେ ଭାରତରେ ଗହମ ଓ ବାର୍ଲି ଚାଷ ଆରମ୍ଭ କରିଥିଲେ । ସେହିଭଳି ୪,୦୦୦ ବର୍ଷ ପୂର୍ବ୍ୱେ ଦକ୍ଷିଣ ପୂର୍ବ ଏସିଆରୁ 'ମୁଣ୍ଡା'ମାନେ ଭାରତକୁ ଆସି ରୁଆ ପ୍ରଣାଳୀରେ ଧାନଚାଷ ଆରମ୍ଭ କରିଥିଲେ । ଏହାପରେ ପାଖାପାଖି ୩,୫୦୦ ବର୍ଷ ପୂର୍ବ୍ୱେ ଆର୍ଯ୍ୟମାନେ ଘୋଡ଼ା ନେଇ ଭାରତକୁ ଆସିଥିଲେ । ବିଶେଷକରି ଏହିସବୁ ଦେଶାନ୍ତର ଗମନ ଆନୁବଂଶିକ ଓ ଭାଷା ଅଧ୍ୟୟନରୁ ଜାଣିବାକୁ ମିଳେ ।

ଖ୍ରୀଷ୍ଟପୂର୍ବ ୬ଷ୍ଠରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟ୍ ଏବଂ ପରେ ଡାରିଅସ୍ ୱାନ୍ କ୍ରମାଗତ ଉତ୍ତର-ପଶ୍ଚିମ ଭାରତ ଉପରେ ଆକ୍ରମଣ କରି ଦଖଲ କରିନେଇଥିଲେ । ଏହାସହ ମୌର୍ଯ୍ୟ ଏବଂ ଗୁପ୍ତ ସାମ୍ରାଜ୍ୟ ପାରସ୍ୟ ପ୍ରଶାସନର କେନ୍ଦ୍ରୀଭୂତ ଅମଲାତନ୍ତ୍ର ବ୍ୟବସ୍ଥାକୁ ଗ୍ରହଣ କରିଥିଲେ । ସେହି ସମୟରେ ବ୍ରାହ୍ମୀ ଲିପି ଉଦ୍ଭାବନ ହୋଇଥିଲା ଏବଂ ତାହା ଭାରତରୁ ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା । ଏହି ସମୟରେ ରାଜାମାନେ ପାର୍ସୀ ସମ୍ରାଟଙ୍କ ଭଳି ନିଜ ଶକ୍ତି ସୂଚିତ କରିବା ଲାଗି ସ୍ତମ୍ଭ ନିର୍ମାଣ କରିଥିଲେ । ପରେ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିଦେଶରୁ ଅନେକ ଜନଜାତି ଯଥା ଗ୍ରୀକ୍ସ (ଯବନ), ସ୍କିଥିଆନ (ସାକସ୍), ପାର୍ଥିଆନ (ପଲ୍ଲଭ) ଏବଂ ୟୁହେ-ଚି (କୁଶାଣ) ଭାରତକୁ ଆସିଥିଲେ । ସେମାନେ ଗଙ୍ଗା ନଦୀ ଅବବାହିକାରୁ ହିନ୍ଦୁକୁଶ ପର୍ବତ ଦେଇ ଇରାନ ପର୍ଯ୍ୟନ୍ତ ବ୍ୟାପିଥିବା ବାଣିଜ୍ୟ ପଥକୁ ନିୟନ୍ତ୍ରଣ କରିବାକୁ ଚାହିଁଥିଲେ । ଏମାନଙ୍କ ମଧ୍ୟରୁ ଅନେକେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣ କରିବା ସହ ବାଣିଜ୍ୟ କାରବାରକୁ ସୁଗମ କରିବା ସକାଶେ ମୁଦ୍ରା ପ୍ରଚଳନ କରିପାରିଥିଲେ ।

# ଭାରତର ପ୍ରତିରକ୍ଷାରେ ଆଧୁନିକୀକରଣ

### ସୌମେନ୍ଦ୍ର ଜେନା

ଅପରେସନ ସିନ୍ଦୂର ପରବର୍ତ୍ତୀ ସମୟରେ ଭାରତର ପ୍ରତିରକ୍ଷା ବିଭାଗର ଆଧୁନିକୀକରଣ, ଅସ୍ତ୍ରଯୋଗାଣ, ଗୁଳିଗୋଳା ଉତ୍ପାଦନ, ନୂତନ ପ୍ରତିରକ୍ଷାକ୍ରୟ ଜାରିରହିଛି । ଭାରତର ତିନି ସେନା ବାହିନୀର ଦକ୍ଷତାକୁ ବୃଦ୍ଧି କରିବା ପାଇଁ ସରକାର ପ୍ରତିରକ୍ଷା ବଜେଟ ବୃଦ୍ଧି କରିବାକୁ ସ୍ପଷ୍ଟ କରିସାରିଛନ୍ତି । ତେଣୁ ୨୦୨୫ ଆର୍ଥିକ ବର୍ଷଟି ଭାରତର ତିନିବାହିନୀ ପାଇଁ ଅନେକ ସୁଖଦ ଖବର ନେଇ ଆସିଛି । ପ୍ରତିରକ୍ଷା କ୍ଷେତ୍ରରେ ଚଳିତବର୍ଷ ଅନେକ ପ୍ରକାର ସଂସ୍କାରକୁ ଜୋର ଦିଆଯାଇଛି । ପାକ୍ ସହ ତୁର୍କୀ, ଆଜରବୈଜାନ, ଆମେରିକା, ଚୀନ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଭାରତକୁ ବିରୋଧ କରିବା ଯୋଗୁ ଅପରେସନ ସିନ୍ଦୂର ପରବର୍ତ୍ତୀ ଭାରତର ବିଦେଶନୀତିରେ ଢେର ପରିବର୍ତ୍ତନ ଦେଖିବାକୁ ମିଳିଛି । ଆମେରିକା ସହ ସଂପର୍କକୁ ସୁଦୃଢ଼ କରିବାକୁ ଚାହୁଁଥିବା ଭାରତ ଏକପ୍ରକାର ଆମେରିକାକୁ ଆଦୌ ବିଶ୍ୱାସ ନକରିବାକୁ ମନେମନେ ସ୍ଥିର କରି ରୁଷିଆ ସହ ସଂପର୍କକୁ ମଜଭୁତ କରିବା ପାଇଁ ଅଧିକ ଦୁଇପାହୁଣ୍ଡ ଆଗେଇଯାଇ ଅନେକଗୁଡ଼ିଏ ପ୍ରତିରକ୍ଷା କ୍ଷେତ୍ରର ମିଳିତ ଉତ୍ପାଦନ ପାଇଁ ସମ୍ମତି ଜଣାଇଛି । ତେବେ ଭାରତକେନ୍ଦ୍ରିକ, ନିର୍ମାଣ ଏବଂ ଉତ୍ପାଦନକୁ ଜୋରଦେଇ ଆତ୍ମନିର୍ଭର ଭାରତର ମାର୍ଗରେ ଯିବା ପାଇଁ ନିଷ୍ପତ୍ତି ନେଇଛି । ଚଳିତବର୍ଷ ଅନେକଗୁଡ଼ିଏ ପ୍ରତିରକ୍ଷା ଉପକରଣର କ୍ରୟାଦେଶ ଦେଇ ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକୀକରଣ କାର୍ଯ୍ୟକୁ ଦ୍ରୁତତର କରିବାକୁ ନିଷ୍ପତ୍ତି ନିଆଯାଇଛି । ସହଯୋଗୀ ରାଷ୍ଟ୍ର ରୁଷିଆ, ଇସ୍ରାଏଲ, ଫ୍ରାନ୍ସ, ଜର୍ମାନୀ, ଜାପାନ, ଦକ୍ଷିଣ କୋରିଆ ଆଦି ରାଷ୍ଟ୍ରସହ ପ୍ରତିରକ୍ଷା ଉତ୍ପାଦନ ଏବଂ ଆଧୁନିକୀକରଣ ପାଇଁ ବୁଝାମଣା କରିଛି । ବିଶ୍ୱର ରାଜନୈତିକ ପାଣିପାଗ ଖୁବଶିଘ୍ର ବଦଳୁଥିବା ହେତୁ ଭାରତର ସ୍ଥଳସେନା, ବାୟୁସେନା ଓ ନୌସେନାପାଇଁ ଆକ୍ରମଣ କ୍ଷମତାର ବୃଦ୍ଧି,ସତର୍କ ଦୃଷ୍ଟି ରଖିବା, ବାୟୁସେନା ସୁରକ୍ଷା ଆଦିର ବୃଦ୍ଧି ପାଇଁ ଚିନ୍ତା କରିବାକୁ ହୋଇଛି । ତେଣୁ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ) ଭାରତ ଡୟନାମିକ୍ସ, ବେସରକାରୀ ପ୍ରତିରକ୍ଷା ଶିଳ୍ପ, ବିଦେଶୀ ସହଯୋଗ ଉପରେ ଗୁରୁତ୍ୱ ଦେବାକୁ ହୋଇଛି । ତେବେ ୨୦୨୫ରେ ପ୍ରଚଣ୍ଡ ଶ୍ରେଣୀର ୧୫୬ଟି ହାଲୁକା ଆକ୍ରମଣକାରୀ ହେଲିକପ୍ଟର ପ୍ରଚଣ୍ଡର କ୍ରୟ ନିଷ୍ପତ୍ତି ଆଗରେ ରହିଥିଲା । ୧୫୬ଟି ପ୍ରଚଣ୍ଡ ହେଲିକପ୍ଟର ପାଇଁ ୬୨୭୦୦ କୋଟି ଟଙ୍କା ସରକାର ମାର୍ଚ୍ଚ ୨୦୨୫ରେ ଦେଇସାରିଛନ୍ତି । ସେଥିରୁ ବାୟୁସେନାକୁ ୬୬ଟି ଏବଂ ସ୍ଥଳସେନାକୁ ୯୦ଟି ମିଳିବ । ଏହି ହେଲିକପ୍ଟର ପାହାଡିଆ ଅଞ୍ଚଳରେ ଅପରେସନ କରିବାକୁ ସକ୍ଷମ ରହିଛି,ଏଥିରେ ପାହାଡିଆ ଅଞ୍ଚଳରେ ଯୁଦ୍ଧ ପାଇଁ ବ୍ୟବସ୍ଥା ରହିଛି, ଯାହାକି ଭାରତର ଉତ୍ତର ଭାଗରେ ହିମାଳୟର କ୍ଷେତ୍ରରେ ଯୁଦ୍ଧ ଚାଲୁ ରଖିବାକୁ ସକ୍ଷମ ।

ପାହାଡିଆ ଅଞ୍ଚଳରେ କାର୍ଯ୍ୟକରିବା ଲାଗି ୩୧ଟି ଏମ୍‌କ୍ୟୁ - ୯ବି ପ୍ରିଡାଟୋର ଡ୍ରୋନ କିଣିବାକୁ ଆମେରିକା ସହ ବୁଝାମଣା ହୋଇଛି । ଏଥିପାଇଁ ୩୦ହଜାର କୋଟି ଟଙ୍କା ସରକାର ୨୦୨୫ରେ ପ୍ରଦାନ କରିଛନ୍ତି । ଏହି ଡ୍ରୋନଗୁଡିକ ତିନି ସେନାକୁ ପ୍ରଦାନ କରାଯିବ । ଡ୍ରୋନଗୁଡିକର ନିରୀକ୍ଷଣ କ୍ଷମତା, ଯୁଦ୍ଧକ୍ଷମତା, ସାମୁଦ୍ରିକ ଅଞ୍ଚଳରେ ନଜିର ରଖିବାର ଦକ୍ଷତା ରହିଛି । ଏହି ଡ୍ରୋନଗୁଡିକ ମିଳିବାପରେ ପ୍ରତିରକ୍ଷା ବାହିନୀର ତିନିସେନାର ନିରୀକ୍ଷଣ କ୍ଷମତାରେ ବିକାଶ ପରିଲକ୍ଷିତ ହେବ ।

ଯୁଦ୍ଧ କ୍ଷେତ୍ରରେ ଟ୍ୟାଙ୍କ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ୨୦ ମାର୍ଚ୍ଚ ୨୦୨୫ରେ ସଶସ୍ତ୍ର ବାହନ ନାଗ କ୍ଷେପଣାସ୍ତ୍ର ବ୍ୟବସ୍ଥାର ନିର୍ମାଣ ପାଇଁ ଠିକା ପ୍ରଦାନ କରାଯାଇଥିଲା । ଏଥିରେ ୧୩ଟି ଅସ୍ତ୍ର ବହନକାରୀଯାନ ଏବଂ ୨୯୩ଟି କ୍ଷେପଣାସ୍ତ୍ର ରହିଛି । ସଂପୂର୍ଣ୍ଣ ସ୍ୱଦେଶୀ ଯୁଦ୍ଧ କୌଶଳରେ ନିର୍ମିତ ଏହି ଟ୍ୟାଙ୍କ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର, ତୃତୀୟ ପିଢିର କ୍ଷେପଣାସ୍ତ୍ର ଯାହାକୁ ଥରେ ଛାଡିଦେଲେ ଅନ୍ୟକଥା ଭୁଲିଯିବାକୁ କୁହାଯାଇଥାଏ, ଅର୍ଥାତ୍ ଏହାର ଲକ୍ଷ୍ୟଭେଦ କ୍ଷମତା ବେଶ ସୁଦୃଢ଼ ।

ଏହାଛଡା ସ୍ଥଳସେନାର ଆକ୍ରମଣ କ୍ଷମତା ବୃଦ୍ଧିଲାଗି ୨୦୨୫ରେ ସରକାର ୭୦୦୦କୋଟି ଟଙ୍କା ବରାଦ କରିଛନ୍ତି । ଯେଉଁ ଅର୍ଥରେ ୩୦୭ଟି ସ୍ୱଦେଶୀ ନିର୍ମିତ ୧୫୫ମିମି /୫୨ କ୍ୟାଲିବର ତୋପ କିଣାଯିବ । ଡିଆରଡିଓର ଟେକ୍ନୋଲୋଜୀରେ ଟାଟା ଏବଂ ଭାରତ ଫୋର୍ଜ କମ୍ପାନୀ ମିଳିତ ଭାବେ ଏହି ତୋପର ନିର୍ମାଣ କରିବେ । ଏହି ତୋପ ପୃଥିବୀରେ ମିଳୁଥିବା ତୋପ ବ୍ୟବସ୍ଥାଗୁଡିକ ମଧ୍ୟରେ ବେଶ୍ ଆଧୁନିକ, ଯାହାକି ଆଗାମୀ ଦିନରେ ସେନାର ଲକ୍ଷ୍ୟଭେଦ କ୍ଷମତା ବୃଦ୍ଧି କରିବା ସହ ଦୂରଗାମୀ ଆକ୍ରମଣ ପାଇଁ ଦକ୍ଷତା ବୃଦ୍ଧି କରିବ ।

ଭାରତୀୟ ସ୍ଥଳସେନାର ଭୂମିରୁ ଆକାଶକୁ ଆକ୍ରମଣ କରିବାର ଦକ୍ଷତା ବୃଦ୍ଧି କରିବାକୁ ସରକାର ଜୁଲାଇ ୨୦୨୫ରେ ପ୍ରାୟ ୩୦ହଜାର କୋଟି ବ୍ୟୟ ବରାଦକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଅର୍ଥରେ ତ୍ୱରିତ ପ୍ରତିକ୍ରିୟାଶୀଳ ଭୂମିରୁ ଆକାଶକୁ ପ୍ରକ୍ଷେପଣ କରାଯାଇପାରୁଥିବା କ୍ଷେପଣାସ୍ତ୍ର (କ୍ୟୁଆରସାମ୍) କିଣାଯିବ । ଏହି କ୍ଷେପଣାସ୍ତ୍ର ଆକାଶ ମାର୍ଗରେ ସୃଷ୍ଟି ହେଉଥିବା ଆଶଙ୍କା ଯଥା ଡ୍ରୋନ, ଯୁଦ୍ଧବିମାନର ଆକ୍ରମଣକୁ ତୁରନ୍ତ ପ୍ରତିହତ କରିପାରିବ । ଏହି ବ୍ୟବସ୍ଥା ପାକ୍ ଏବଂ ଚୀନର ସୀମାନ୍ତରେ ଅଧିକ ଉପଯୋଗୀ ହେବ ବୋଲି କୁହାଯାଉଛି । ଭାରତର ନୌସେନା ପାଇଁ ସାମୁଦ୍ରିକ କ୍ଷେତ୍ରରେ ମାରକ କ୍ଷମତାର ବୃଦ୍ଧିପାଇଁ ୨୦୨୫ରେ ସରକାର ୨୦ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଅର୍ଥରେ ନୌସେନା ପାଇଁ ସ୍ୱତନ୍ତ୍ର ବ୍ରହ୍ମୋସ୍ତ୍ର କ୍ଷେପଣାସ୍ତ୍ର ନିର୍ମିତ ହେବ । ଅଧିକ ଦୂର ଆକ୍ରମଣ କରିପାରୁଥିବା ଏହି କ୍ଷେପଣାସ୍ତ୍ର ଏବେ ବିକଶିତ ହୋଇଛି, ଯାହାକି ନୌସେନା ପାଇଁ ଅଧିକ ଉପଯୋଗୀ ହେବ । ଏହି ଶ୍ରେଣୀର ବ୍ରହ୍ମୋସ କିଣିବାକୁ ଇଣ୍ଡୋନେସିଆ ଆଗ୍ରହ ପ୍ରକାଶ କରିଥିବା ହେତୁ କ୍ଷେପଣାସ୍ତ୍ର ରପ୍ତାନୀ ମଧ୍ୟ ବୃଦ୍ଧିପାଇବ ।

ନୌସେନାର ଆକ୍ରମଣ କ୍ଷମତା ବୃଦ୍ଧି କରିବାକୁ ଓଜନଦାର ଟର୍ପେଡୋ ବରୁଣାସ୍ତ୍ରର ନିର୍ମାଣ ପାଇଁ ସରକାର ନିକଟରେ ସ୍ୱୀକୃତି ପ୍ରଦାନ କରିଛନ୍ତି । ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ଇଲେକ୍‌ଟ୍ରିକ ଟର୍ପେଡୋକୁ ଡିଆରଡିଓ ପକ୍ଷରୁ ବିକଶିତ କରାଯାଇଛି । ଭାରତର ସାମୁଦ୍ରିକ କ୍ଷେତ୍ରରେ ଏହାକୁ ଯୁଦ୍ଧପୋତ ଏବଂ ସବ୍‌ମେରିନ (ବୁଡାଜାହାଜ)ରେ ମୁତୟନ କରାଯାଇପାରିବ । ଏହି ଟର୍ପେଡୋ ଭାରତୀୟ ନୌସେନାର ଆକ୍ରମଣ କ୍ଷମତାକୁ ବୃଦ୍ଧି କରିବା ସହ ଲକ୍ଷ୍ୟଭେଦ ପାଇଁ ସକ୍ଷମ ହେବ ।

ଅଗଷ୍ଟ ୨୦୨୫ରେ ସରକାର ସୀମାନ୍ତରେ ନିରୀକ୍ଷଣ ପାଇଁ ମଧ୍ୟମ ଦୂରଗାମୀ ଉଚ୍ଚାକାଶରେ ଉଡିପାରୁଥିବା ଡ୍ରୋନ ନିର୍ମାଣକୁ ସ୍ୱୀକୃତି ଦେଇଛନ୍ତି । ସ୍ୱଦେଶୀ ଜ୍ଞାନକୌଶଳରେ ଏହି ମେଲଡ୍ରୋନ ନିର୍ମାଣ କରାଯିବ । ଏହା ନଜର ରଖିବା ସହ ଆକାଶରୁ ସ୍ଥଳପଥକୁ ଆକ୍ରମଣ କରିପାରିବ । ଏହି ଡ୍ରୋନ ନିର୍ମାଣ ହେଲେ ବିଦେଶୀ ଡ୍ରୋନ ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ଏହି ଡ୍ରୋନ ବହୁମୁଖୀ ଅପରେସନରେ ସହାୟକ ହେବ ବୋଲି କୁହାଯାଉଛି । ସ୍ଥଳସେନା ସହ ବ୍ୟବହୃତ ଟି୯୦ ଟ୍ୟାଙ୍କ ପାଇଁ ନୂତନ ଅଧିକ କ୍ଷମତା ସଂପନ୍ନ ଇଞ୍ଜିନ କିଣିବାକୁ ସରକାର ସ୍ୱୀକୃତି ଦେଇଛନ୍ତି, ଯାହାକି ଆଗାମୀ ଦିନରେ ସ୍ଥଳସେନାର ଆକ୍ରମଣ କ୍ଷମତାକୁ ବୃଦ୍ଧି କରିବ । ସୀମାନ୍ତରେ ଆଧୁନିକୀକରଣ ପାଇଁ ଏହା ଏକ ଭଲ ପଦକ୍ଷେପ, ଯାହାକି ଆକ୍ରମଣ ଆଶଙ୍କା ପ୍ରତିହତ କରିପାରିବ । ସର୍ବଦା ଆକ୍ରମଣକୁ ସାମ୍ନା କରିବା ପାଇଁ ସ୍ଥଳସେନାକୁ ପ୍ରସ୍ତୁତ କରି ରଖିବାରେ ଏହି ଟ୍ୟାଙ୍କ ଉପଯୋଗୀ ହେବ । ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ଯୁଦ୍ଧବିମାନ, ଯୁଦ୍ଧପୋତ, ପରମାଣୁ ଶକ୍ତିସଂପନ୍ନ ବାଲିଷ୍ଟିକ କ୍ଷେପଣାସ୍ତ୍ରବାହୀ ସବ୍‌ମେରିନ୍, ପରିବହନକାରୀ ବିମାନ, ପ୍ରଶିକ୍ଷଣ ପାଇଁ ଯୁଦ୍ଧବିମାନ, କ୍ଷେପଣାସ୍ତ୍ର, ଦୂରଗାମୀ କ୍ଷେପଣାସ୍ତ୍ରଗୁଡିକ ଆଗାମୀ ଦିନରେ ସାମିଲ କରାଯିବାକୁ ପ୍ରୟାସ ଜାରିରହିଛି । ତନ୍ମଧ୍ୟରେ ହାଲୁକା ଯୁଦ୍ଧ ବିମାନ ଏଲ୍‌ସିଏ ଏମ୍‌କେ-୧ଏ, ଆଣବିକ କ୍ଷମତାସଂପନ୍ନ ବାଲିଷ୍ଟିକ କ୍ଷେପଣାସ୍ତ୍ର ଥିବା ସବମେରିନ୍ ଅରିଦମନ, ପ୍ରକଳ୍ପ ୧୭ଏ ଅନ୍ତର୍ଗତ ନୌସେନା ଫ୍ରିଗେଟ, ପରିବହନ ପାଇଁ ସି-୨୯୫ ବିମାନ,ଆକାଶ କ୍ଷେପଣାସ୍ତ୍ର ବ୍ୟବସ୍ଥା, ନିରୀକ୍ଷଣକାରୀ ଗୁଇନ୍ଦା ଡ୍ରୋନ ଆଦି ଅନ୍ତର୍ଭୁକ୍ତ ।

ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ ପକ୍ଷରୁ ୫ଟି ଏମ୍‌କେ-୧ଏ ବିମାନ ୨୦୨୫-୨୬ ଆର୍ଥିକ ବର୍ଷର ଶେଷ ବେଳକୁ ଅର୍ଥାତ୍ ମାର୍ଚ୍ଚ-ଏପ୍ରିଲ ମଧ୍ୟରେ ମିଳିବ ବୋଲି ଜଣାପଡିଛି । ଏହି ସମୟ ଭିତରେ ୧୦ଟି ଯୁଦ୍ଧବିମାନ ଦେବାକୁ ହାଲ ପକ୍ଷରୁ ପୂର୍ବରୁ କୁହାଯାଇଥିଲେ ମଧ୍ୟ ବିଦେଶୀ ଇଞ୍ଜିନ ଯୋଗାଣରେ ବିଳମ୍ବ ହେତୁ ଯୋଗାଣ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି । ଭାରତୀୟ ବାୟୁସେନାର ଆଧୁନିକୀକରଣ ପାଇଁ ଦୁଇଟି ପ୍ରକ୍ରିୟାରେ ୧.୧ଲକ୍ଷ କୋଟି ଟଙ୍କା ୧୮୦ଟି ଏଲ୍‌ସିଏଏମ୍‌କେ-୧ଏ କିଣାଯିବା ପାଇଁ କ୍ରୟାଦେଶ ପୂର୍ବରୁ ପ୍ରଦାନ କରାଯାଇସାରିଛି । ଫେବୃଆରୀ ୨୦୨୧ରେ ୮୩ଟି ଯୁଦ୍ଧବିମାନର ଅର୍ଡର ଦିଆଯାଇଥିଲା । ପରେ ସେପ୍ଟେମ୍ବର ୨୦୨୫ରେ ଅଧିକ ୯୭ଟି ଯୁଦ୍ଧବିମାନ କ୍ରୟ ପାଇଁ ଆଦେଶ ପ୍ରଦାନ କରାଯାଇଥିଲା । ପ୍ରଥମ କ୍ରୟାଦେଶରେ ମାର୍ଚ୍ଚ ୨୦୨୪ ସୁଦ୍ଧା ଯୁଦ୍ଧବିମାନ ଯୋଗାଣର ଲକ୍ଷ୍ୟ ରଖାଯାଇଥିଲେ ହେଁ ତାହା ଦୁଇବର୍ଷ ବିଳମ୍ବରେ ମିଳିବାକୁ ଯାଉଛି ।

୨୦୨୬ରେ ନୌସେନାର ସବ୍‌ମେରିକ ଅରିହନ୍ତ କାର୍ଯ୍ୟରେ ସାମିଲ ହେବାକୁ ଯାଉଛି, ଯାହାକି ଅରିହନ୍ତ ଶ୍ରେଣୀର ତୃତୀୟ ବୁଡାଜାହାଜ ହେବ । ଯେଉଁଥିରେ ଆଣବିକ କ୍ଷମତାସଂପନ୍ନ ବାଲିଷ୍ଟିକ କ୍ଷେପଣାସ୍ତ୍ର ଲାଗିଛି । ଏହାପରେ ୨୦୨୭ରେ ଏହି ଶ୍ରେଣୀର ୪ର୍ଥ ସବମେରିନ୍ ନୌସେନାରେ ସାମିଲ ହେବାର ଯୋଜନା ରହିଛି । ଅଗଷ୍ଟ ୨୦୨୪ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦ୍ୱିତୀୟ ଆଣବିକ ସବମେରିନ ଆଇଏନ୍‌ଏସ ଅରିଘାତ ବିଶାଖାପାଟଣାରେ ସମୁଦ୍ରକୁ ଓହ୍ଲାଇଥିଲା । ସବ୍‌ମେରିନ୍‌ରୁ ଆଣବିକ କ୍ଷେପଣାସ୍ତ୍ର ମାଡ କରିବାକୁ ସକ୍ଷମ ଥିବା ରାଷ୍ଟ୍ର ଆମେରିକା, ରୁଷିଆ, ଚୀନ , ଫ୍ରାନ୍ସ ଏବଂ ବ୍ରିଟେନ ପରେ ଏବେ ଭାରତ ରହିଛି । ଏହି ଶ୍ରେଣୀର ପ୍ରଥମ ସବ୍‌ମେରିନ ଭାରତ ପକ୍ଷରୁ ୨୦୧୮ରେ ୬୦୦୦ ଟନ୍ ଓଜନର ଆଇଏନ୍‌ଏସ୍ ଅରିହନ୍ତ ନୌସେନାରେ ସାମିଲ ହୋଇଥିଲା । ସେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଭାରତୀୟ ନୌ-ସେନାର ଦକ୍ଷତା ବୃଦ୍ଧିର ପ୍ରଶଂସା କରିଥିଲେ । ୨୦୨୬ରେ ୨୧୯୩୫କୋଟି ବ୍ୟୟବରାଦରେ ସି-୨୯୫ ପରିବହନ ବିମାନ ଭାରତରେ ନିର୍ମିତ ହୋଇ ବାୟୁସେନାରେ ସାମିଲ ହେବାକୁ ଯାଉଛି,ଏୟାରବସ୍ ଏବଂ ଟାଟା ଆଡଭାନ୍ସ ସିଷ୍ଟମ୍ସ ଲିମିଟେଡର ମିଳିତ ପ୍ରୟାସରେ ଏହାର ନିର୍ମାଣ ହେଉଛି । ସେପ୍ଟେମ୍ବର ୨୦୨୧ରେ ପ୍ରତିରକ୍ଷା ବିଭାଗ ୫୬ଟି ଏହି ଶ୍ରେଣୀର ବିମାନ ଯୋଗାଣ ପାଇଁ ନିଷ୍ପତ୍ତି ନେଇଥିଲା । ପୂର୍ବରୁ ୧୬ଟି ବିମାନକୁ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଇ ଯୋଗାଇ ଦିଆଯାଇଛି । ଏବେ ଅବଶିଷ୍ଟ ବିମାନକୁ ଗୁଜୁରାଟର ବଡୋଦରା ସ୍ଥିତ କମ୍ପାନୀରେ ନିର୍ମାଣ ପାଇଁ ଟାଟା ପକ୍ଷରୁ ପ୍ରୟାସ ଜାରିରହିଛି । ଅଗଷ୍ଟ ୨୦୩୧ସୁଦ୍ଧା ଅବଶିଷ୍ଟ ୩୯ଟି ବିମାନ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ୟ ରହିଛି । ସେହିପରି ନୌସେନାର ଆଧୁନିକୀକରଣ ପାଇଁ ପ୍ରୋଜେକ୍ଟ ୧୭ଏ ଅଧିନରେ ଫ୍ରିଗେଟ ତାରାଗିରି, ମହେନ୍ଦ୍ରଗିରି, ଦୁଣାଗିରି, ବିନ୍ଧ୍ୟଗିରିକୁ ଅଗଷ୍ଟ-ସେପ୍ଟେମ୍ବର ୨୦୨୬ ସୁଦ୍ଧା କାର୍ଯ୍ୟରେ ସାମିଲ କରାଯିବ । ସରକାର ୪୫ହଜାର କୋଟି ଟଙ୍କା ବ୍ୟୟରେ ପ୍ରୋଜେକ୍ଟ-୧୭ଏ (ନୀଳଗିରି ଶ୍ରେଣୀ)କୁ ଚାଲୁ ରଖିଛନ୍ତି, ଯାହା ପୂର୍ବର ପ୍ରୋଜେକ୍ଟ -୧୭ (ଶିବାଲିକ ଶ୍ରେଣୀ) ଅନ୍ତର୍ଗତ ଫ୍ରିଗେଡ ତୁଳନାରେ ଅଧିକ ଉନ୍ନତ । ପୂର୍ବରୁ ଏହି ୧୭ଏ ଶ୍ରେଣୀର ତିନୋଟି ଫ୍ରିଗେଟ ନୌ-ସେନାରେ ନିୟୋଜିତ ହୋଇସାରିଛି । ୨୦୪୭ ସୁଦ୍ଧା ନୌ-ସେନା ସଂପୂର୍ଣ୍ଣ ଆତ୍ମନିର୍ଭର ହେବାଲାଗି ଲକ୍ଷ୍ୟ ରଖିଛି । ସେହି ଲକ୍ଷ୍ୟରେ ନୌସେନା ପାଇଁ ଭିନ୍ନ ଭିନ୍ନ ସିପ୍‌ୟାର୍ଡରେ ଏବେ ପ୍ରାୟ ୬୦ଗୋଟି ଯୁଦ୍ଧପୋତର ନିର୍ମାଣ ଜାରିରହିଛି । ଏଗୁଡିକ ୨୦୩୫ସୁଦ୍ଧା ସମୁଦ୍ରକୁ କାର୍ଯ୍ୟପାଇଁ ଓହ୍ଲାଇବେ ବୋଲି ଲକ୍ଷ୍ୟ ରଖାଯାଇଛି ।

ଅପରେସନ ସିନ୍ଦୂର ପରବର୍ତ୍ତୀ ସମୟରେ ପ୍ରତିରକ୍ଷାକୁ ସୁଦୃଢ଼ କରିବାକୁ ତିନିସେନାକୁ ସଶକ୍ତ କରିବା ଲକ୍ଷ୍ୟରେ କାର୍ଯ୍ୟ ଜାରିରହିଛି । ୨୦୨୬ର ବଜେଟରେ ଏଥିପାଇଁ ପ୍ରତିରକ୍ଷା ବ୍ୟୟବରାଦ ସରକାର ବୃଦ୍ଧି କରିବେ ବୋଲି ଜଣାଗଲାଣି ।

ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩



# ଇରାନରେ ହିଂସାତ୍ମକ ବିଦ୍ରୋହ, ସଡ଼କରେ ଗୁଳିବିନିମୟ

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ଇରାନରେ ଗତ କିଛି ଦିନ ଧରି ଅଶାନ୍ତି ଲାଗି ରହିଛି। ଦେଶରୁ ମୌଳବାଦୀ ଶକ୍ତିମାନେ ଦେଶ ଛାଡ଼ିବା ଦାବିରେ ସଡ଼କରେ ବିକ୍ଷୋଭ କରାଯାଉଛି । ତେବେ ଧୀରେ ଧୀରେ ଏହି ଆନ୍ଦୋଳନ ହିଂସାତ୍ମକ ହେବାରେ ଲାଗିଛି । ପ୍ରଥମେ, ଅର୍ଥନୈତିକ ସଂକଟ ପାଇଁ କ୍ରୋଧିତ ବ୍ୟବସାୟୀମାନେ ରାସ୍ତାକୁ ଓହ୍ଲାଇଥିଲେ, ତା'ପରେ ଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ ।



ସରକାରଙ୍କ ଦୁର୍ବଳ ନୀତି ଦ୍ୱାରା ପ୍ରୋତ୍ସାହିତ ଏହି ପ୍ରତିବାଦଗୁଡ଼ିକ ଇରାନରେ ଏକ ବିଦ୍ରୋହର ଆଶଙ୍କା ସୃଷ୍ଟି କରିଛି । ଏହାକୁ ଟାଳିବାକୁ ସରକାର ବାରମ୍ବାର ଆଲୋଚନାର ପ୍ରସ୍ତାବ ଦେଇଛନ୍ତି, କିନ୍ତୁ କୌଣସି ଲାଭ ମିଳି ନାହିଁ । ବର୍ତ୍ତମାନ, ଏହି ପ୍ରତିବାଦଗୁଡ଼ିକ ହିଂସାତ୍ମକ ରୂପ ନେଇଛି। ଦାବି କରାଯାଉଛି ଯେ ପ୍ରଦର୍ଶନକାରୀ ଏବଂ ସରକାରୀ ସୁରକ୍ଷା ବାହିନୀ ପରସ୍ପର ଉପରେ ଗୁଳି ଚଳାଇଛନ୍ତି, ଯାହା ଫଳରେ ରାସ୍ତାରେ ଏଣେ ତେଣେ ମୃତଦେହ ପଡ଼ିଥିବାର ରିପୋର୍ଟ ଆସିଛି। ଫାର୍ସ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ ଇରାନରେ ବିରୋଧ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଛି । ଏହା ରିପୋର୍ଟ କରିଛି ଯେ ଲୋରାଡାଗାନରେ ପ୍ରଦର୍ଶନକାରୀ ଏବଂ ସରକାରୀ ସୁରକ୍ଷା ବାହିନୀ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ଉଭୟ ପକ୍ଷ ଗୁଳି ଚଳାଇଥିବା ଜଣାପଡ଼ିଛି । ଏହି ହିଂସାତ୍ମକ ସଂଘର୍ଷରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି, କିନ୍ତୁ ସମ୍ପୂର୍ଣ୍ଣ ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ମିଳିପାରି ନାହିଁ ।

# ଭାରତକୁ ଧମକ ଦେଲା ପାକିସ୍ତାନ

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ସାରା ବିଶ୍ୱ ପାଳୁଛି ନୂଆ ବର୍ଷ । ଚାରିଆଡ଼େ ଉତ୍ସାହର ମାହୋଲ । ଦେଶ ଦେଶ ମଧ୍ୟରେ ଶୁଭେଚ୍ଛା ଆଦାନ ପ୍ରଦାନ ଚାଲିଛି । ସବୁ ରାଗ ସବୁ ମନମତାନ୍ତରକୁ ଭୁଲି ନୂଆ ସମ୍ପର୍କ ଗିବାକୁ ସମସ୍ତେ ପ୍ରୟାସ କରୁଛନ୍ତି । କିନ୍ତୁ ଏଭଳି ଏକ ଭଲ ଦିନରେ ପାକିସ୍ତାନ ଶୁଭେଚ୍ଛା ଜଣାଇବା ବଦଳରେ ଭାରତକୁ ଦେଇଛି ଧମକ । ନୂତନ ବର୍ଷରେ ପାକିସ୍ତାନ ପୁଣି ଥରେ ଆକ୍ରମଣାତ୍ମକ ମନୋଭାବ ପ୍ରଦର୍ଶନ କରିଛି । ଭାରତର ନାଁ ନ ନେଇ, ପାକିସ୍ତାନର ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ପାକିସ୍ତାନର କ୍ଷେତ୍ରୀୟ ଅଖଣ୍ଡତାର ଯେକୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଉଲ୍ଲଂଘନକୁ ଦୃଢ଼ ଏବଂ ନିର୍ଣ୍ଣାୟକ ଜବାବ ଦିଆଯିବ । ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ନିଜେ ଆଭ୍ୟନ୍ତରୀଣ ଅଶାନ୍ତି ଏବଂ ଆତଙ୍କବାଦର ଏକ ଗମ୍ଭୀର ସମସ୍ୟା ସହିତ ସଂଘର୍ଷ କରୁଛି । ରାୱଲପିଣ୍ଡିର ଜେନେରାଲ ହେଡକ୍ୱାର୍ଟର୍ସରେ ବେଲୁଚିସ୍ତାନ



ଉପରେ ୧୮ତମ ଜାତୀୟ କର୍ମଶାଳାରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଜେନେରାଲ ଅସୀମ ମୁନିର ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ଏହାର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ଯେକୌଣସି ସୀମାକୁ ଯିବ । ପାକିସ୍ତାନର ଏହି ବୟାନବାଜି ମଧ୍ୟରେ, ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଏକ ଗମ୍ଭୀର ଅଭିଯୋଗ ଆଣି ପାକିସ୍ତାନର ପ୍ରକୃତ ଚେହେରାକୁ ପ୍ରଦର୍ଶିତ କରିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସଆଇ, ଡ୍ରୋନ୍ ମାଧ୍ୟମରେ ପଞ୍ଜାବକୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ପଠାଉଛି । ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯାଦବ କହିଛନ୍ତି ଯେ ଗ୍ରେନେଡ ଆକ୍ରମଣ ଭଳି ଘଟଣାକୁ ପ୍ରୋତ୍ସାହିତ କରି ପାକିସ୍ତାନ ପଞ୍ଜାବକୁ ଏକ ଅତ୍ୟନ୍ତ ଅଶାନ୍ତ ରାଜ୍ୟ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଛି । ସେ ଏହାକୁ ଭାରତ ବିରୁଦ୍ଧରେ ଚାଲିଥିବା ଏକ ପ୍ରକ୍ସି ଯୁଦ୍ଧର ଅଂଶ ବୋଲି ବର୍ଣ୍ଣନା କରିଛନ୍ତି । ଡିଜିପି କହିଛନ୍ତି ଯେ ପାକିସ୍ତାନର ଲକ୍ଷ୍ୟ ହେଉଛି ପଞ୍ଜାବରେ ଅଶାନ୍ତି ସୃଷ୍ଟି କରିବା, ଯାହା କାରଣରୁ ଡ୍ରୋନ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ପଠାଯାଉଛି ।

# କାଶ୍ମୀରରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ନୂଆ ବର୍ଷ ଆରମ୍ଭରୁ ଜାମ୍ମୁ ଏବଂ କାଶ୍ମୀରରେ ଭୟର ବାତାବରଣ । ନୂତନ ବର୍ଷ ପାଳନ କରି ସମସ୍ତେ ଶୋଇ ପଡ଼ିଥିବା ବେଳେ ହଠାତ ଥରିଲା ମାଟି । କାରଣ ଜାନୁଆରୀ ୧ ତାରିଖ ସକାଳୁ ସେଠାରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା । କାଶ୍ମୀର ଉପତ୍ୟକା ଏବଂ ହିମାଚଳ ପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ବ୍ୟାପକ ଆତଙ୍କ ସୃଷ୍ଟି କରିଥିଲା। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜାନୁଆରୀ ୧ ତାରିଖ ୨୦୨୬ ସକାଳ ୦୪:୪୨ ରେ ଏହି ଭୂମିକମ୍ପ ହୋଇଥିଲା। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୨.୦ ମାପ କରାଯାଇଥିଲା ।



ଭୂକମ୍ପର କେନ୍ଦ୍ରସ୍ଥଳ ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଥିଲା, ଯାହା ଭୂମିଠାରୁ ୫ କିଲୋମିଟର ତଳେ ଅବସ୍ଥିତ । ଯଦିଓ ତୀବ୍ରତା କମ୍ ଥିଲା, ତଥାପି ସକାଳର ନୀରବତାରେ ଅନୁଭୂତ ଭୂମିକମ୍ପ ଲୋକମାନଙ୍କୁ ଭୟଭୀତ କରିଥିଲା । କାଶ୍ମୀରର ଅନେକ ସ୍ଥାନରେ, ଭୂମି କମ୍ପିତ ହେବା ସହିତ ଲୋକମାନେ ଗଭୀର ନିଦ୍ରାରୁ ଉଠିଥିଲେ । ପ୍ରବଳ ଥଣ୍ଡା ଏବଂ ଶୂନ୍ୟ ତଳ ତାପମାତ୍ରା ସତ୍ତ୍ୱେ, ଭୟଭୀତ ବାସିନ୍ଦାମାନେ ନିଜ ଘରୁ କମ୍ବଳ ଘୋଡ଼ାଇ ନିଜକୁ ଆଶ୍ରୟ ଦେବା ପାଇଁ ବାହାରକୁ ପଳାଇ ଯାଇଥିଲେ । ପ୍ରତ୍ୟକ୍ଷଦର୍ଶୀମାନେ କିଛି ସେକେଣ୍ଡ ପାଇଁ ଭୂମିକମ୍ପର ସୂଚନା ଦେଇଥିଲେ, କିନ୍ତୁ ଆତଙ୍କ ଯୋଗୁଁ ଲୋକମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିଜ ଘରକୁ ଫେରିପାରିଲେ ନାହିଁ । ଏହା ଆଶ୍ୱସ୍ତିର ବିଷୟ ଯେ, ପ୍ରଶାସନ ଅନୁଯାୟୀ, ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ବଡ଼ କ୍ଷତିର ରିପୋର୍ଟ ହୋଇନାହିଁ ।

# ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ଅର୍ଥନୀତି ହେଲା ଭାରତ

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ଭାରତର ଅର୍ଥବ୍ୟବସ୍ଥା ଏବେ ବିଶ୍ୱର ଚତୁର୍ଥ ସ୍ଥାନରେ ପହଂଚିଛି । ଆଇଏମଏଫର ପରିସଂଖ୍ୟାନ ମୁତାବକ ଭାରତର ଜିଡିପି ପାଖାପାଖି ୪.୫୧ ଟ୍ରିଲିୟନ ଡଲାର । ଏବେ ଭାରତର ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ଅର୍ଥନୀତି ଭାବେ ଉଭା ହେବ । ଭାରତର ଅର୍ଥବ୍ୟବସ୍ଥା ଏବେ ବିଶ୍ୱର ୪ ନମ୍ବର ଅର୍ଥବ୍ୟବସ୍ଥାରେ ପହଂଚିସାରିଛି । ଜାପାନକୁ ପଛରେ ପକାଇ ଭାରତ ଏବେ ଜର୍ମାନୀକୁ ପଛରେ ପକାଇବାକୁ ଚେଷ୍ଟା କରୁଛି। ଜର୍ମାନୀର ଜିଡିପି ଏବେ ୫.୩୩ ଟ୍ରିଲିୟନ ଡଲାର ରହିଛି । ଆଉ ଭାରତ ୪.୫୧ ଟ୍ରିଲିୟନ ଡଲାରରେ ପହଂଚିସାରିଛି । ସବୁଠାରୁ ଆଗରେ ରହିଛି ଆମେରିକା, ଯାହାର ଜିଡିପି ୩୧.୮୨ ଟ୍ରିଲିୟନ ଡଲାର ରହିଛି । ଦ୍ୱିତୀୟ ସ୍ଥାନରେ ରହିଛି ଚୀନ, ଏହାର ଜିଡିପି ୨୦.୬୫ ଟ୍ରିଲିୟନ ଡଲାର । ଏବେ ଆସନ୍ତୁ ଟିକେ ସରଳ ଭାବେ ବୁଝିବା ଭାରତ ଲଗାତର ଭାବେ ଆର୍ଥିକ ବ୍ୟବସ୍ଥାରେ ଆଗକୁ ବଢୁଛି । ଏହା ନିରାଟ ସତ୍ୟ ଯେ, ଦେଶ ଆର୍ଥିକ ଭାବେ ମଜବୁତ ହେଉଛି । ହେଲେ ଦେଶର ଲୋକମାନଙ୍କର ଆର୍ଥିକ ସମ୍ବଳ କିନ୍ତୁ ଦେଶର ଆର୍ଥିକ ବ୍ୟବସ୍ଥା ସହ ମଜବୁତ ହୋଇପାରୁନାହିଁ । ଏଠି ଏକ ସାଧାରଣ ଉଦାହରଣ ଦିଆଯାଇପାରେ । ଆମେ ଏବେ ଅର୍ଥବ୍ୟବସ୍ଥାରେ ଜାପାନକୁ ପଛରେ ପକାଇ ଚତୁର୍ଥ ସ୍ଥାନ ଦଖଲ କରିଛୁ । ବାସ୍ତବ ଚିତ୍ର ଏହା ଯେ, ଜାପାନ ତୁଳନାରେ ଭାରତରେ ପ୍ରତିବ୍ୟକ୍ତିଙ୍କ ଆୟ ମଧ୍ୟରେ ଆକାଶ ପାତାଳ ଫରକ ରହିଛି । କାରଣ ଜାପାନରେ ମୁଣ୍ଡପିଛା ଆୟ ୨୯୩୪ ଡଲାର, ଅର୍ଥାତ ଭାରତୀୟ ମୁଦ୍ରାରେ ବାର୍ଷିକ ୨.୫ ଲକ୍ଷ ଟଙ୍କା । ସେପଟେ ଜାପାନରେ ପ୍ରତିବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ୩୩୯୫୫ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୩୦ ଲକ୍ଷ ୫୫ ହଜାରରୁ ଅଧିକ । ତାହେଲେ ଅର୍ଥନୀତି ବୃଦ୍ଧି କାହା ସ୍ୱାର୍ଥରେ ? ଯଦି ଆମେ ଚତୁର୍ଥ ଅର୍ଥନୀତି ଭାବେ ଡିଣ୍ଡିମ ପିଟୁଛୁ ତେବେ ବଢୁଥିବା ଅର୍ଥବ୍ୟବସ୍ଥାର ଲାଭ କାହିଁକି ସାଧାରଣ ଲୋକଙ୍କ ପାଖରେ ପହଂଚିପାରୁନି ?ପୁଣି ଏବେ ଆମ ସରକାରଙ୍କ ଟାର୍ଗେଟ୍ ଜର୍ମାନୀକୁ ପଛରେ ପକାଇ ତୃତୀୟ ଅର୍ଥନୀତି ଭାବେ ଉଭା ହେବା । ଯଦି ଆମେ ଜର୍ମାନୀର ମୁଣ୍ଡପିଛା ଆୟ କଥା କହିବା ତେବେ ଜର୍ମାନୀବାସୀଙ୍କ ମୁଣ୍ଡପିଛା ଆୟ ୫୬ ହଜାର ଡଲାର । ଅର୍ଥାତ ଭାରତୀୟ ମୁଦ୍ରାରେ ୫୦ ଲକ୍ଷ ୪୦ ହଜାର ଟଙ୍କାରୁ ଅଧିକ । ଏଭଳି ସ୍ଥଳେ ଭାରତରେ ମୁଣ୍ଡପିଛା ଆୟ ମାତ୍ର ୨.୫ ଲକ୍ଷ ଟଙ୍କା । ଭାରତର ଜିଡିପି ଆକାର ବୃଦ୍ଧି ପାଇବାରେ ଲାଗିଛି । ହେଲେ ସେହି ତୁଳନାରେ ଦେଶର ନାଗରିକଙ୍କ ମୁଣ୍ଡପିଛା ଆୟ ଅନ୍ୟ ଦେଶ ତୁଳନାରେ ବୃଦ୍ଧି ପାଇପାରୁନି । ଅର୍ଥାତ ବୃଥିବା ଜିଡିପିର ଗରିଷ୍ଠ ଭାଗ ହାତଗଣତି କିଛି ବ୍ୟବସାୟୀଙ୍କ ପାଖରେ ଠୁଳ ହେବାରେ ଲାଗିଛି ।

## ଉତ୍ତେଜନା ସତ୍ତ୍ୱେ ପରମାଣୁ ପ୍ରତିଷ୍ଠାନ ତାଲିକା ଆଦାନପ୍ରଦାନ କଲେ ଭାରତ, ପାକ୍

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ଗତ କିଛି ବର୍ଷ ମଧ୍ୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ରହିଛି। ଗତ ବର୍ଷ ମେ ମାସରେ ଭାରତର ଅପରେସନ ସିନ୍ଦୂର ଆରମ୍ଭ ହେବା ପରେ ଏହି ଉତ୍ତେଜନା ଚରମରେ ପହଞ୍ଚିଥିଲା । ଏହା ସତ୍ତ୍ୱେ ଦୁଇଦେଶ ଗତ ୩୪ ବର୍ଷ ହେଲା ଏକ ପରମ୍ପରା ବଜାୟ ରଖିଛନ୍ତି । ତାହା ହେଉଛି ପରସ୍ପରର ପରମାଣୁ କେନ୍ଦ୍ର ତାଲିକା ଆଦାନ ପ୍ରଦାନ । ଗୁରୁବାର ଦିନ, ଉଭୟ ଦେଶ ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ସେମାନଙ୍କର ପରମାଣୁ ପ୍ରତିଷ୍ଠାନର ତାଲିକା ଆଦାନପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଉଭୟ ଦେଶ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ନୂଆଦିଲ୍ଲୀ ଏବଂ ଇସଲାମାବାଦରେ ଏକକାଳୀନ ପରମାଣୁ ପ୍ରତିଷ୍ଠାନ ଏବଂ କେନ୍ଦ୍ରଗୁଡ଼ିକର ତାଲିକା ଆଦାନପ୍ରଦାନ କରିଛନ୍ତି । ପରମାଣୁ ପ୍ରତିଷ୍ଠାନ ଏବଂ ସୁବିଧା ଉପରେ ଆକ୍ରମଣ ନିଷେଧ କରିବା ପାଇଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଏହା କରାଯାଇଛି । ପାକିସ୍ତାନ ସହିତ ପରମାଣୁ ପ୍ରତିଷ୍ଠାନର ତାଲିକା ଆଦାନପ୍ରଦାନ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ମନ୍ତ୍ରଣାଳୟ କହିଛି– ଭାରତ ଏବଂ ପାକିସ୍ତାନ ନୂଆ ଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ପରମାଣୁ ପ୍ରତିଷ୍ଠାନଗୁଡ଼ିକର ତାଲିକା ଆଦାନପ୍ରଦାନ କରିଥିଲେ । ଏହା ଦୁଇ ଦେଶ ମଧ୍ୟରେ ଏପରି ତାଲିକାର କ୍ରମାଗତ ୩୫ତମ ଆଦାନପ୍ରଦାନ। ଏହି ତାଲିକାର ପ୍ରଥମ ଆଦାନପ୍ରଦାନ ୧ ଜାନୁଆରୀ ୧୯୯୨ ରେ ହୋଇଥିଲା।

# ରାହୁଲ ଗାନ୍ଧୀଙ୍କୁ ରାମଙ୍କ ସହ ତୁଳନା କଲେ କଂଗ୍ରେସ ନେତା

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମହାପ୍ରଭୁ ଶ୍ରୀରାମଙ୍କ ସହ ତୁଳନା କଲେ ମହାରାଷ୍ଟ୍ରର କଂଗ୍ରେସ ନେତା ନାନା ପଟୋଲେ । ରାହୁଲ ଗାନ୍ଧୀ ରାମ ମନ୍ଦିର ନଯିବା ପ୍ରସଙ୍ଗରେ ନାନା ପଟୋଲେ କହିଥିଲେ କି, କଂଗ୍ରେସର ଭଗବାନ ପ୍ରଭୁ ରାମଙ୍କ ପରି କାମ କରୁଛନ୍ତି । ଆମ ନେତା ରାହୁଲ ଗାନ୍ଧୀ ରାମଙ୍କ ଭଳି ଦଳିତ, ପୀଡ଼ିତଙ୍କ ପାଇଁ କାମ କରୁଛନ୍ତି । ଦେଶର ଲୋକଙ୍କୁ ନ୍ୟାୟ ଦେବା ପାଇଁ ରାହୁଲ ରାମଙ୍କ ଭଳି ଲଢୁଛନ୍ତି । ନାନା ପଟୋଲେଙ୍କ ଏଭଳି ଏକ ବୟାନ ପରେ ଏବେ ରାଜନୈତିକ ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଯାହାକୁ ନେଇ ଟାର୍ଗେଟ୍ କରିଛି ବିଜେପିୟ ରାହୁଲଙ୍କୁ ରାମଙ୍କ ସହ ତୁଳନା କରିବାକୁ ନେଇ ବିଜେପି ପକ୍ଷରୁ



ସମାଲୋଚନା କରାଯାଇଛି । ନାନା ପଟୋଲେ କହିଛନ୍ତି କି, ଯେବେ ରାମଲଲ୍ଲାଙ୍କୁ ବନ୍ଦ ରଖାଯାଇଥିଲା ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏହାକୁ ଖୋଲିବାକୁ ଆଦେଶ ଦେଇଥିଲେ । ଏଣୁ ରାହୁଲ ଯେବେ ଅଯୋଧ୍ୟା ଆସିବେ ସେବେ ପୂଜା କରିବେ। ନାନା ପଟୋଲେଙ୍କ ଏଭଳି ବିବୃତ୍ତି ପରେ ବିଜେପି ମୁଖପାତ୍ର ସି.ଆର. କେଶବନ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି । ରାହୁଲ ଗାନ୍ଧୀଙ୍କୁ ରାମଙ୍କ ସହ ତୁଳନା କରିବା ହିନ୍ଦୁମାନଙ୍କ ପାଇଁ ଅପମାନ । ସମସ୍ତ ହିନ୍ଦୁଙ୍କୁ ଏହା ଅପମାନ ଏବଂ ଗଭୀର ଆଘାତ ଦେଇଛି । ଏହାସହ ସେ କହିଛନ୍ତି କି, ରାହୁଲ କାହିଁକି ରାମ ମନ୍ଦିରକୁ ଯାଇନାହାନ୍ତି ବୋଲି ସାହସ କରି ନାନା କେବେ ପ୍ରଶ୍ନ ପଚାରିଛନ୍ତି କି ? କେବେ ବି ଏହା ପଚାରିପାରିବେନି ବୋଲି ସେ କହିଛନ୍ତି। ନାନା ପଟୋଲେଙ୍କ ଏହା ପ୍ରଥମ ବିବାଦୀୟ ମନ୍ତବ୍ୟ ନୁହେଁ । ନିଜର ବିବାଦୀୟ ମନ୍ତବ୍ୟ ପାଇଁ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ପୂର୍ବରୁ ଅକ୍ଟୋବର ୨୦୨୨ ମସିହାରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରା ସମୟରେ ମଧ୍ୟ ଏଭଳି ଏକ ପ୍ରତିକ୍ରିୟା ଦେଇ ଚର୍ଚ୍ଚାରେ ରହିଥିଲେ । ନାନା ପଟୋଲେ କହିଥିଲେ କି, ରାମଙ୍କ ନାମ ଜରୁ ଆରମ୍ଭ ରାହୁଲଙ୍କ ନାମ ମଧ୍ୟ ଜରୁ ଆରମ୍ଭ । ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ କନ୍ୟାକୁମାରୀ କାଶ୍ମୀର ପଦଯାତ୍ରା କରିଥିଲେ । ଆଉ ରାହୁଲ ମଧ୍ୟ ସମାନ ରାସ୍ତାରେ ରହିଛନ୍ତି । କେବଳ ଏତିକି ନୁହେଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାମ ମନ୍ଦିରକୁ ଯାଇଥିବାବେଳେ ସେ କହିଥିଲେ କି, ମନ୍ଦିରର ଶୁଦ୍ଧିକରଣ କରାଯାଉ । ଯାହାକୁ ନେଇ ସେ ସମାଲୋଚନାର ଶିକାର ମଧ୍ୟ ହୋଇଥିଲେ । ପୁଣିଥରେ ରାହୁଲଙ୍କୁ ରାମଙ୍କ ସହ ତୁଳନା କରିଥିବାବେଳେ ସୋସିଆଲ ମିଡିଆରେ ମଧ୍ୟ ୟୁଜର୍ସମାନେ ତାଙ୍କୁ କମେଣ୍ଟ କରୁଛନ୍ତି ।

# ରୁଷିଆ ଜିତିଲେ ବନ୍ଦ ହେବ ଯୁଦ୍ଧ !

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ରାଗିଲେଣି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ । ଆଉ ବନ୍ଦ ହେବନି ଯୁଦ୍ଧ ବୋଲି ଦେଲେଣି ଚେତାବନୀ। ନୂଆ ବର୍ଷରେ ରୁଷିଆ-ୟୁକ୍ରେନ ଯୁଦ୍ଧ ନେଇ ଆସିଲା ନୂଆ ଅପଡେଟ୍। ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୟୁକ୍ରେନୀୟ ଯୁଦ୍ଧ ସମ୍ପର୍କରେ ଏକ ପ୍ରମୁଖ ବିବୃତ୍ତି ଦେଇଛନ୍ତି । ୨୦୨୬ ଆରମ୍ଭରେ ଜାତିକୁ ସମ୍ବୋଧିତ କରି, ପୁଟିନ ୟୁକ୍ରେନରେ ରୁଷର ଚୂଡ଼ାନ୍ତ ବିଜୟ ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରିଥିଲେ ଏବଂ ନାଗରିକମାନଙ୍କୁ ରୁଷ ସୈନ୍ୟଙ୍କୁ ସମର୍ଥନ କରିବାକୁ କହିଥିଲେ । ପୁଟିନଙ୍କ ଟେଲିଭିଜନ ସମ୍ବୋଧନ ପ୍ରଥମେ ରୁଷିଆର ପୂର୍ବାଞ୍ଚଳ କାମଚାଟକା ଉପଦ୍ୱୀପରେ ପ୍ରସାରିତ ହୋଇଥିଲା, ଯେଉଁଠାରେ ୨୦୨୬ ରେ ପ୍ରବେଶ ପ୍ରଥମେ ପାଳନ କରାଯାଇଥିଲା ।



ତା'ପରେ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ବାର୍ତ୍ତା ପ୍ରସାରିତ ହୋଇଥିଲା । ଏହି ଅବସରରେ ହିଁ ପୁଟିନ ଏପରି କିଛି କହିଥିଲେ। ନୂତନ ବର୍ଷର ଶୁଭେଚ୍ଛାରେ ପୁଟିନ ସିଧାସଳଖ ଯୁଦ୍ଧରେ ନିୟୋଜିତ ସୈନିକ ଏବଂ କମାଣ୍ଡରମାନଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ଆମେ ତୁମ ଉପରେ ଅର୍ଥାତ ସୈନିକଙ୍କ ଉପରେ ଏବଂ ଆମର ବିଜୟରେ ବିଶ୍ୱାସ କରୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଲକ୍ଷ ଲକ୍ଷ ରୁଷିଆନ ଆଗ ଧାଡିରେ ଲଢୁଥିବା ସୈନିକଙ୍କ ବିଷୟରେ ଚିନ୍ତା କରୁଛନ୍ତି । ଯୁଦ୍ଧକୁ ଏକ ରାଷ୍ଟ୍ରିୟ ସଙ୍ଘର୍ଷ ବୋଲି କହିଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ପୁଟିନ ୟୁକ୍ରେନ ଯୁଦ୍ଧକୁ ଏକ ସାଧାରଣ ଜାତୀୟ ସଂଘର୍ଷ ଭାବରେ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଏହି ଲଢ଼େଇରେ ସମଗ୍ର ରାଷ୍ଟ୍ର ସୈନିକଙ୍କ ସହିତ ଠିଆ ହୋଇଛି ଏବଂ ଏହି ଯୁଦ୍ଧ ରୁଷର ସାର୍ବଭୌମତ୍ୱ ଏବଂ ଭବିଷ୍ୟତ ସହିତ ଜଡିତ । ୟୁକ୍ରେନ ବିବାଦରେ ଉଭୟ ପକ୍ଷ ପ୍ରବଳ ସାମରିକ କ୍ଷତି ସହିଛନ୍ତି । ଏପର୍ଯ୍ୟନ୍ତ ଉଭୟ ପକ୍ଷର ମୃତ୍ୟୁ ସଂଖ୍ୟା ଦଶ ହଜାରରୁ ଲକ୍ଷ ପର୍ଯ୍ୟନ୍ତ ଆକଳନ କରାଯାଇଛି । ତେବେ ଯଦି ଦେଖିବା ରୁଷିଆ। ଉପରେ କିଛି ଦିନ ଆଗରୁ ଡ୍ରୋନ ଆକ୍ରମଣ କରାଯାଇଥିଲା। ସିଧା ସଳଖ ପୁଟିନଙ୍କ ବାସଭବନ ଉପରେ ୯୧ଟି ଡ୍ରୋନ ଆଟାକ କରିଥିଲା, ଏହାପରେ ରୁଷିଆ ଏଥିରେ ୟୁକ୍ରେନ ହାତ ଥିବା ଦାବି କରିଥିଲା ସତ । ମାତ୍ର ୟୁକ୍ରେନ ଏହି ଦାବି କୁ ଖଣ୍ଡନ କରିଛି । ଅନ୍ୟପଟେ ଭାଷଣରେ ସେ କହିଛନ୍ତି କି ରୁଷିଆ ଏହି ଯୁଦ୍ଧରେ ଜିତିବା ପରେ ହିଁ ଚୁପ ହେବ ।

# ଭାରତଠାରୁ ଟଙ୍କା ଉଧାର ନେଇଛି ମିଆଁମାର

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ମିଆଁମାର ବର୍ତ୍ତମାନ ଏହାର ଆଧୁନିକ ଇତିହାସର ସବୁଠାରୁ ଗମ୍ଭୀର ଆର୍ଥିକ ସଙ୍କଟ ମଧ୍ୟରୁ ଗୋଟିଏର ସମ୍ମୁଖୀନ ହେଉଛି। ଚାଲିଥିବା ଗୃହଯୁଦ୍ଧ, ମୁଦ୍ରାସ୍ଫୀତି, ଅନ୍ତର୍ଜାତୀୟ କଟକଣା ଏବଂ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦେଶକୁ ଏକ ଗଭୀର ଆର୍ଥିକ ସଙ୍କଟ ଭିତରକୁ ଠେଲି ଦେଇଛି। ଏହି ଅସ୍ଥିରତା ମଧ୍ୟରେ ଆସନ୍ତୁ ଜାଣିବା ଭାରତ ଏପର୍ଯ୍ୟନ୍ତ ମିଆଁମାରକୁ କେତେ ଟଙ୍କା ଋଣ ଦେଇଛି । ୨୦୨୬ ସୁଦ୍ଧା ମିଆଁମାରକୁ ଭାରତର ମୋଟ ବିକାଶ ସହାୟତା ପୋର୍ଟଫୋଲିଓ ୧.୭୫ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏଥିରେ ପରିଶୋଧଯୋଗ୍ୟ ଋଣ ଏବଂ ଅଣ-ପରିଶୋଧଯୋଗ୍ୟ ଅନୁଦାନ ଉଭୟ ଅନ୍ତର୍ଭୁକ୍ତ ।ଏହି ସହାୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରିହାତି ଋଣ ଆକାରରେ ଆସିଥାଏ, ଯାହାକୁ ସରକାରୀ ଭାବରେ ଲାଇନ୍ ଅଫ୍ କ୍ରେଡିଟ୍ କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଭାରତ ମିଆଁମାରକୁ ପ୍ରାୟ ୭୪୫ ନିୟୁତ ଡଲାରର ସଫ୍ଟ ଲୋନ୍ ପ୍ରଦାନ କରିଛି । ଏହି ଋଣଗୁଡ଼ିକ ସାଧାରଣତଃ ଦୀର୍ଘକାଳୀନ, କମ୍ ସୁଧରେ ଏବଂ ଭିତ୍ତିଭୂମି ଏବଂ ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ । ଏହା ବ୍ୟତୀତ ଭାରତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଦାନ ପ୍ରଦାନ କରେ । କେବଳ ୨୦୨୫-୨୬ କେନ୍ଦ୍ରୀୟ ବଜେଟରେ, ମିଆଁମାରକୁ ସିଧାସଳଖ ସହାୟତା ଭାବରେ ୩୫୦ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା ।ତେବେ ଏହି ଋଣଗୁଡ଼ିକୁ ପରିଶୋଧ କରିବାକୁ ପଡ଼ିବ ନାହିଁ । ମିଆଁମାରକୁ ଭାରତର ଆର୍ଥିକ ସହାୟତା ମୁଖ୍ୟତଃ ରଣନୈତିକ ଏବଂ



ବିକାଶମୂଳକ ପ୍ରକଳ୍ପ ପାଇଁ ନିର୍ଦ୍ଦେଶିତ । ଏଥିମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାଲାଦାନ ମଲ୍ଟି-ମୋଡାଲ ଟ୍ରାନଜିଟ୍ ପରିବହନ ପ୍ରକଳ୍ପ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଭାରତର ଉତ୍ତର-ପୂର୍ବକୁ ମିଆଁମାରର ସିଟ୍‌ୱେ ବନ୍ଦର ସହିତ ସଂଯୋଗ କରିବା, ଯାହାଦ୍ୱାରା ଦକ୍ଷିଣ-ପୂର୍ବ ଏସିଆରେ ବାଣିଜ୍ୟିକ ପ୍ରବେଶ ସୁଧାର ଆସିବ । ସେହିପରି ଆଉ ଏକ ପ୍ରମୁଖ ପଦକ୍ଷେପ ହେଉଛି ଭାରତ-ମିଆଁମାର-ଥାଇଲ୍ୟାଣ୍ଡ ତ୍ରିପାକ୍ଷିକ ରାଜପଥ । ଏହା ବ୍ୟତୀତ ଭାରତୀୟ ଋଣ ୟାଙ୍ଗନ-ମାଣ୍ଡାଲେ ରେଳପଥର ଉନ୍ନତିକରଣକୁ ସମର୍ଥନ କରିଛି । ଥାଙ୍ଗେ ଚଉଙ୍ଗ ଜଳବିଦ୍ୟୁତ ପ୍ରକଳ୍ପ, ଏକ ୧୦୦-ମେଗାୱାଟ୍ ଶକ୍ତି ପଦକ୍ଷେପ, ପ୍ରାୟ ୬୦ ନିୟୁତ ଡଲାର ଋଣ ସହିତ ପାଣ୍ଠି ଯୋଗାଇ ଦିଆଯାଇଥିଲା । ମିଆଁମାର ବର୍ତ୍ତମାନ ଏହାର ବାହ୍ୟ ଋଣ ପରିଶୋଧ କରିବାକୁ ସଂଘର୍ଷ କରୁଛି । ୨୦୨୨ ମସିହାରେ ମିଆଁମାର କେନ୍ଦ୍ରୀୟ ବ୍ୟାଙ୍କ ହ୍ରାସ ପାଉଥିବା ବୈଦେଶିକ ମୁଦ୍ରା ଭଣ୍ଡାରକୁ ସଂରକ୍ଷଣ କରିବା ପାଇଁ ବିଦେଶୀ ଋଣ ଉପରେ ଦେୟ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଭାରତୀୟ ଧାରାରେ ଋଣ ପ୍ରଦାନରେ ବିଳମ୍ବ ସୃଷ୍ଟି କରିଛି । ଏହି କାରଣରୁ, ଭାରତ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି । ମିଆଁମାର ଆନୁଷ୍ଠାନିକ ଭାବରେ ଏହାର ଋଣଦାତାମାନଙ୍କୁ ଭାରତ ସହିତ ଋଣ ପରିଶୋଧ ସର୍ତ୍ତାବଳୀ ସଂଶୋଧନ ଏବଂ ପୁନଃ ଆଲୋଚନା କରିବାକୁ ଅନୁରୋଧ କରିଛି । ଭାରତ ଦୀର୍ଘକାଳୀନ ଆଞ୍ଚଳିକ ସ୍ଥିରତାକୁ ମନରେ ରଖି ଏହି ଆଲୋଚନାରେ ସାମିଲ ହେବାକୁ ଇଚ୍ଛୁକତା ପ୍ରକାଶ କରିଛି । ଏହା ବ୍ୟତୀତ, ଭାରତ ଏ-୨୦ ଋଣ ସେବା ନିଲମ୍ବନ ପଦକ୍ଷେପ ଅଧୀନରେ ମିଆଁମାରକୁ ଋଣ ଛାଡ ପ୍ରଦାନ କରିସାରିଛି । ଏହା ବ୍ୟତୀତ, ଭାରତ ଏହାର କିଛି ସହାୟତାକୁ ଅନୁଦାନରେ ପରିଣତ କରିଛି।

# ୨୦୨୬ ପାଇଁ ବାବା ଭାଙ୍ଗାଙ୍କ ଭୟଙ୍କର ଭବିଷ୍ୟବାଣୀ

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ୨୦୨୫ ର ଶେଷ ସହିତ ଏକ ନୂତନ ବର୍ଷର ଆରମ୍ଭ । ୨୦୨୬ ଆରମ୍ଭ ସହିତ, ଲୋକମାନେ ନୂତନ ବର୍ଷ କ'ଣ ଆଣିବ ତାହା ଜାଣିବାକୁ ଆଗ୍ରହୀ । ସବୁଠାରୁ ପ୍ରସିଦ୍ଧ ଭବିଷ୍ୟବକ୍ତାଙ୍କ ମଧ୍ୟରେ, ବୁଲଗେରିଆର ବାବା ଭେଙ୍ଗା ୨୦୨୬ ବିଷୟରେ ଅନେକ ଭବିଷ୍ୟବାଣୀ କରିଛନ୍ତି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅନ୍ଧ ହେବା ସତ୍ତ୍ୱେ, ସେ ବାରମ୍ବାର ବିଶ୍ୱର ଭବିଷ୍ୟତ ଘଟଣା ବିଷୟରେ ସଠିକ୍ ଭବିଷ୍ୟବାଣୀ କରିଛନ୍ତି। ତାଙ୍କ ଭବିଷ୍ୟବାଣୀ ଅନୁସାରେ, ୨୦୨୬ ବର୍ଷ ମାନବ ସଭ୍ୟତା ପାଇଁ ଅନେକ ବଡ଼ ପରିବର୍ତ୍ତନ ଏବଂ ଘଟଣା ଘଟିପାରେ । ବାବା ଭେଙ୍ଗା କହିଛନ୍ତି ଯେ ୨୦୨୬ ବର୍ଷ ମାନବ ସଭ୍ୟତା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବ । ତେଣୁ, ଲୋକମାନେ ସଚେତନ ଏବଂ ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ଜାଣିବା ୨୦୨୬ ବର୍ଷ ପାଇଁ ବାବା ଭାଙ୍ଗା କ'ଣ ଭବିଷ୍ୟବାଣୀ କରିଛନ୍ତି । ବାବା ଭେଙ୍ଗା ୧୯୧୧ ମସିହାରେ ବୁଲଗେରିଆରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରକୃତ ନାମ ଭାଙ୍ଗେଲିଆ ପାଣ୍ଡେଭା ଗୁଷ୍ଟେରୋଭା ଥିଲା । ତାଙ୍କୁ ୨୦ଶ ଶତାବ୍ଦୀର ସବୁଠାରୁ ରହସ୍ୟମୟ ଏବଂ ପ୍ରସିଦ୍ଧ ଭବିଷ୍ୟବକ୍ତାଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏୟ କୁହାଯାଏ ଯେ ସେ ୧୨ ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇଥିଲେ, କିନ୍ତୁ ଏହା ସତ୍ତ୍ୱେ, ସେ ତାଙ୍କର ଭବିଷ୍ୟବାଣୀ ପାଇଁ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିଥିଲେ । ୧୯୯୬ ମସିହାରେ ୮୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଜି ମଧ୍ୟ ଲୋକମାନେ ତାଙ୍କ ଭବିଷ୍ୟବାଣୀରେ ବିଶ୍ୱାସ କରନ୍ତି । ତଥାପି, ବାବା ଭେଙ୍ଗାଙ୍କ ଦ୍ୱାରା କୌଣସି ଲିଖିତ ଭବିଷ୍ୟବାଣୀ ନାହିଁ; ବରଂ, ସେ ସେଗୁଡ଼ିକୁ ତାଙ୍କ ଅନୁଗାମୀମାନଙ୍କ ସହିତ ସେୟାର କରିଥିଲେ । ବାବା ଭାଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ୨୦୨୬ ବର୍ଷ ବିଶ୍ୱ ସ୍ତରରେ ପ୍ରମୁଖ ଭୂରାଜନୈତିକ ଏବଂ ପ୍ରାକୃତିକ ସଙ୍କଟର ବର୍ଷ ହୋଇପାରେ । ତାଙ୍କ ମତରେ, ପୂର୍ବାଞ୍ଚଳରେ ସୃଷ୍ଟି ହୋଇଥିବା ଏକ ପ୍ରମୁଖ ସଂଘର୍ଷ ଧୀରେ ଧୀରେ ପଶ୍ଚିମକୁ ବ୍ୟାପିପାରେ । ଅନେକ ବିଶେଷଜ୍ଞ ଏହାକୁ ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନା ବୋଲି ବିବେଚନା କରନ୍ତି । ବାବା ଭାଙ୍ଗାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ପୂର୍ବାଞ୍ଚଳରେ ସୃଷ୍ଟି ହୋଇଥିବା ଏକ ଯୁଦ୍ଧ ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରେ । ପଶ୍ଚିମାଞ୍ଚଳଗୁଡ଼ିକ ବିଶେଷ ଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଅଛି । ଏହି ଯୁଦ୍ଧ ବିଶ୍ୱ ଶକ୍ତି ସନ୍ତୁଳନରେ ବଡ଼ ପରିବର୍ତ୍ତନ ଆଣିପାରେ ଏବଂ ବ୍ୟାପକ ବିନାଶ ଏବଂ ଜୀବନ ଏବଂ ସମ୍ପତ୍ତିର କ୍ଷତି ଘଟାଇପାରେ । ବାବା ଭାଙ୍ଗାଙ୍କ ଆଉ ଏକ ଭବିଷ୍ୟବାଣୀ ଅନୁଯାୟୀ, ରୁଷର ଜଣେ ଶକ୍ତିଶାଳୀ ନେତା ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରନ୍ତି । କିଛି ରିପୋର୍ଟ ଅନୁଯାୟୀ, ଏହି ଭବିଷ୍ୟବାଣୀ ରୁଷର ବର୍ତ୍ତମାନର ନେତୃତ୍ୱ ଏବଂ ବିଶ୍ୱ ରାଜନୀତିକୁ ଇଙ୍ଗିତ କରୁଛି । ସେମାନଙ୍କ ମତରେ, ରୁଷ ଆଗାମୀ ଯୁଗର ନିର୍ଣ୍ଣାୟକ କେନ୍ଦ୍ର ହେବ, ଯାହା ବିଶ୍ୱ ଶକ୍ତିର ସନ୍ତୁଳନ ନିର୍ଣ୍ଣୟ କରିବୟ୨୦୨୬ ମସିହାରେ, ଲୋକମାନେ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରନ୍ତି । ଏଥିରେ ଭୂମିକମ୍ପ, ଜ୍ୱାଳାମୁଖୀ ଉଦ୍ଗିରଣ ଏବଂ ଅତ୍ୟଧିକ ବର୍ଷା ଘଟଣା ଅନ୍ତର୍ଭୁକ୍ତ ହୋଇପାରେ । ଏହା ଗମ୍ଭୀର ପରିବେଶଗତ କ୍ଷତି ଘଟାଇପାରେ ଏବଂ ମାନବ ଜୀବନକୁ ପ୍ରଭାବିତ କରିପାରେ ।

# ସ୍ୱିଜରଲ୍ୟାଣ୍ଡରେ ନିଆଁ ପିଣ୍ଡୁଳା ପାଲଟିଲା ବାର୍: ୪୦ମୃତ

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ବର୍ଷ ଆରମ୍ଭରୁ ଆସିଲା ବିସ୍ଫୋରଣର ଖବର । ସ୍ୱିଜରଲ୍ୟାଣ୍ଡରେ ନୂଆବର୍ଷ ପାଳନ କରୁଥିବା ବେଳେ ଏକ ବାରରେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଏହି ବିସ୍ଫୋରଣରେ ୪୦ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣଟି ଏକ ବାରରେ ହୋଇଥିବା ବେଳେ ଭିତରେ ଥିବା ୧୦୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ସାମ୍ନାକୁ ଆସିଛି। ସ୍ୱିଜରଲ୍ୟାଣ୍ଡ ପୁଲିସ କହିଛି ଯେ, ଏହି ବିସ୍ଫୋରଣ ସ୍ୱିଜରଲ୍ୟାଣ୍ଡର କ୍ରାନ୍ସ ମୋଣ୍ଟାନା ସହରରେ ଘଟିଥିଲା । ଘଟଣା ଘଟିବା ପରେ ଏବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲକୁ ନେବା ଆରମ୍ଭ କରିଥିଲା । ଏହା ସହିତ ଉଦ୍ଧାର କାମ ଆରମ୍ଭ ହୋଇଥିଲା। କୁହାଯାଉଛି ଯେ, ବାରେ ନୂତନ ବର୍ଷର ପାଳନ ପାଇଁ ଲୋକେ ପାର୍ଟି କରିବାକୁ ବାରରେ ପହଞ୍ଚିଥିଲେ । ବିସ୍ଫୋରଣ ଘଟିବା ବେଳେ ଏକାଧିକ ଲୋକ ବାର୍ ଭିତରେ ଥିଲେ । ଏପର୍ଯ୍ୟନ୍ତ ୪୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛି । ଏପର୍ଯ୍ୟନ୍ତ ବିସ୍ଫୋରଣ ପଛର କାରଣ ଜଣାପଡ଼ିନାହିଁ। କେଣସି ଆତଙ୍କବାଦୀ ସଂସ୍ଥା ଏହି ବିସ୍ଫୋରଣ କରିଥିବା ନେଇ ମଧ୍ୟ ଆଶଙ୍କା କରାଯାଉନାହିଁ। ଡିସେମ୍ବର ୨୦୨୫ରେ ଗୋଆର ଏକ ନାଇଟ୍ କ୍ଲବରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଥିଲା । ଉତ୍ତର ଗୋଆର ପର୍ଯ୍ୟଟନ କେନ୍ଦ୍ର ଅର୍ପୋରାସ୍ଥିତ ଲୋକପ୍ରିୟ ନାଇଟ୍ କ୍ଲବ୍ 'ବର୍ଚ ବାଏ ରୋମିଓ ଲେନ୍'ରେ ଗତରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୬ ଜଣ ଗୁରୁତର ଆହତ ହୋଇଥିଲେ । ରାତି ପ୍ରାୟ ୧ଟା ୫ ମିନିଟ୍ ସମୟରେ କ୍ଲବ୍ର ଦ୍ୱିତୀୟ ମହଲାରେ ହଠାତ ନିଆଁ ଲାଗିବା ସହ କିଛି ସେକେଣ୍ଡ ମଧ୍ୟରେ ସମଗ୍ର କ୍ଲବ୍ ନିଆଁର ବଳୟ ଭିତରକୁ ଆସିଯାଇଥିଲା । ବେସ୍ମେଣ୍ଟ୍ ଓ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଲୋକେ ନିଆଁ ଓ ଧୂଆଁରେ ଫସି ରହିଯାଇଥିଲେ ।

# ବିଜେପି ବିଧାୟକଙ୍କୁ ଅଖିଳେଶଙ୍କ ସମାଲୋଚନା

**ନୂଆଦିଲ୍ଲୀ,୧୧(ଏଜେନ୍ସି):** ପ୍ରୟାଗରାଜ ମାଘମେଳାରେ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ମୂର୍ତ୍ତି ପ୍ରତିଷ୍ଠା ନକରିବା ପ୍ରସଙ୍ଗରେ ବର୍ଷିଛନ୍ତି ଅଖିଳେଶ ଯାଦବ । ଯୋଗୀ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି କି, ଯଦି ଅଧିକାରୀମାନେ ନିୟମ ପରିବର୍ତ୍ତନ ନକରନ୍ତି ତାହେଲେ ଭଗବାନଙ୍କ ମୂର୍ତ୍ତି ସ୍ଥାପନ କରିବୁ । ଏହାସହ ବିଜେପିର ବ୍ରାହ୍ମଣ ବିଧାୟକ ବୈଠକକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ଅଖିଳେଶ ଯକେବଳ ସରକାର ନୁହେଁ ସରକାରୀ ଅଧିକାରୀଙ୍କ ଉପରେ ମଧ୍ୟ ବର୍ଷିଛନ୍ତି ଅଖିଳେଶ। ସେ କହିଛନ୍ତି କି, ଅନେକ ଅଧିକାରୀ ଏବେ ଚାଟୁକାରିତା କରିବାରେ ବ୍ୟସ୍ତ ଅଛନ୍ତି ତାହା କେଉଁ ନିୟମରେ ଗଣା । ଯେଉଁ କର୍ମକର୍ତ୍ତାମାନେ ସେଠାରେ ମୁଲାୟମ ସିଂହଙ୍କ ମୂର୍ତ୍ତି ସ୍ଥାପନ କରିବା ପାଇଁ ଚାହିଁଛନ୍ତି ଯଦି ଅନୁମତି ନମିଳେ ତାହେଲେ ସେଠାରେ କେଦାରନାଥଙ୍କ ମନ୍ଦିର ସ୍ଥାପନ କରିବାକୁ କହିବି । ଏହାସହ ବିଜେପିର ବ୍ରାହ୍ମଣ ବିଧାୟକ ବେଠକୁ ନେଇ ମଧ୍ୟ ସମାଲୋଚନା କରିଛନ୍ତି । ସେ କହିଛନ୍ତି କି, ଏବେ ବିଧାୟକମାନେ ବସି ବସି ଖାଉଛନ୍ତି, ଯଦି ସେମାନେ ସରକାରଙ୍କ ବିପକ୍ଷରେ କହିବେ ତାହେଲେ କ'ଣ ହେବ । ଯଦି ସରକାରଙ୍କ ବିଧାୟକ ତାଙ୍କ ବିରୋଧରେ ଛିଡ଼ାହେବେ ତାହେଲେ କ'ଣ ହେବ । ଏହାସହ ଏସଆଇଆର ପ୍ରସଙ୍ଗକୁ ନେଇ ମଧ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଅଖିଳେଶ । ମୁଖ୍ୟମନ୍ତ୍ରୀ ଏବଂ ନିର୍ବାଚନ କମିଶନ ଦେଇଥିବା ଭୋଟ୍ ତାଲିକା ମେଳ ଖାଉନଥିବା କହିଛନ୍ତି ।



## ବରିଷ୍ଠ ନାଗରିକ ମଞ୍ଚର ବର୍ଷଶେଷ ବନ୍ଧୁମିଳନ

**ଜଟଣୀ, ୦୧।୦୧ (ନି.ପ୍ର):** ବରିଷ୍ଠ ନାଗରିକ ମଞ୍ଚର ବର୍ଷର ଅନ୍ତିମ ଦିନ, ୩୧ ଡିସେମ୍ବର ୨୦୨୫ ରେ ଜବରଦସ୍ତ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। ସଭା କାର୍ଯ୍ୟକ୍ରମଟି ବିକାଶ ନଗର ସ୍ଥିତ ନିଜସ୍ୱ ବରିଷ୍ଠ ନାଗରିକ ମଞ୍ଚରେ ଆୟୋଜନ କରାଯାଇଥିବା ବେଳେ, ମଞ୍ଚର ସଭାଗୃହରେ ସଭାକାର୍ଯ୍ୟ କରାଯାଇଥିଲା। ସଂଘର ସଭାପତି ଇଂ ଭକ୍ତବନ୍ଧୁ ଚୌଧୁରୀଙ୍କ ପୌରୋହିତରେ ସଭାକାର୍ଯ୍ୟ କରାଯାଇଥିଲା। ବୈଠକର ପ୍ରଯୋଜକ, ସମ୍ପାଦକ ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ। ସର୍ବ ପ୍ରଥମେ ଦିବଙ୍ଗତ ବ୍ୟକ୍ତି ବିଶେଷ ମାନଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ବରିଷ୍ଠ ନାଗରିକ ମଞ୍ଚରେ ବଣଭୋଜୀକୁ ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ ସାଧାରଣ ସମ୍ପାଦକ ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱାଧୀନରେ, ସଭ୍ୟ ଶରତଚନ୍ଦ୍ର ଦଶ, ସୁରେଶ ଚନ୍ଦ୍ର ରଥ, ଅରୁଣ କୁମାର ମହାନ୍ତି, ପ୍ରହ୍ଲାଦ ସ୍ୱାଇଁ, ପଦ୍ମନାଭ ପାଣିଗ୍ରାହୀ, ଧିରେନ ପ୍ରତିହାରି, ନୀଳାମ୍ବର ମିଶ୍ର, ପଦ୍ମଲୋଚନ ସାହୁ ଓ କାହ୍ନୁଚରଣ ସାହୁ ସମେତ ୪୦ ଜଣ ସଭ୍ୟ ଭାଗ ନେବାକୁ ପ୍ରତିଶୃତି ଦେଇଥିଲେ। ସର୍ବ ସମ୍ମତି କ୍ରମେ ଭୁଷୁଣ୍ଡପୁର ଉଗ୍ରତାରା ପିଠରେ ବଣ ଭୋଜି କରିବା ପାଇଁ ସ୍ଥିରିକୃତ ହୋଇଥିଲା। କିଛି ସଭ୍ୟ ସୁନିଶ୍ଚିତ



କରିଥିଲେ ୫୦ ଜଣ ବଣ ଭୋଜିରେ ନିସ୍‌ଚିତ ଯୋଗଦେବେଇ ଉଗ୍ରତାରାଙ୍କ ପିଠରେ ଭୋଜି ଖାଇବା ପୂର୍ବରୁ ୫ଟି ଦର୍ଶନିୟ ସ୍ଥାନ ପରିଭ୍ରମଣ କରିବାର ବେବସ୍ଥା ସଭାରେ ଉପସ୍ଥପନା ହୋଇଥିଲା। ସଭାର ଅନ୍ତିମରେ ଜଳଯୋଗର ବେବସ୍ଥା କରିଥିଲେ ସଭାପତି ଇଂ ଭକ୍ତବନ୍ଧୁ ଚୌଧୁରୀ, ତାହାସହିତ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ସ୍ମାଇଲ୍ ଫାଉଣ୍ଡେସନର ସାନ୍ତନୁ ମିଶ୍ର ବିଡ଼ବ୍ଲ୍ୟୁ ଡିସରପ୍ଟ ସୋସିଆଲ ଇମ୍ପାକ୍ଟ ୨୦୨୫ ରେ ସମ୍ମାନିତ

**ଭୁବନେଶ୍ୱର, ୦୧।୦୧ (ନି.ପ୍ର):** ସ୍ମାଇଲ୍ ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଶାନ୍ତନୁ ମିଶ୍ରଙ୍କୁ 'ବିଡବ୍ଲ୍ୟୁ ଡିସରପ୍ଟ ସୋସିଆଲ୍ ଇମ୍ପାକ୍ଟ ୨୦୨୫' ଅବସରରେ ପୁରସ୍କୃତ କରାଯାଇଛି। ସ୍ମାଇଲ୍ ଫାଉଣ୍ଡେସନର ବିଭିନ୍ନ ଜନହିତକର ପଦକ୍ଷେପ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଏହି ଚିନ୍ତାଧାରା ଉପରେ ଆଧାରିତ ଯେ, ଆଗାମୀ ଦିନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଇଓ), ଡିଜିଟାଲ୍ ଇକୋସିଷ୍ଟମ୍ ଏବଂ ଡାଟା-ଚାଳିତ ସାର୍ବଜନୀନ ଭିତ୍ତିଭୂମି ବିକାଶର ମଡେଲଗୁଡ଼ିକୁ ଏକ ନୂଆ ରୂପ ଦେବ। ତେଣୁ, ସାମାଜିକ ପ୍ରଭାବର ଭବିଷ୍ୟତ ସବୁବେଳେ ମଣିଷ ବା ଲୋକଙ୍କୁ କେନ୍ଦ୍ର କରି ରହିବା ଆବଶ୍ୟକ। ଏହି ଫୋରମ୍ ସାମାଜିକ କ୍ଷେତ୍ରରେ ଘଟୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଉପସ୍ଥାପିତ କରିଛି: ଯଦିଓ ଆଜିର ପ୍ରଯୁକ୍ତିବିଦ୍ୟା ବ୍ୟାପକତା, ସଠିକତା ଏବଂ ବାସ୍ତବ ସମୟର ତଥ୍ୟ ପ୍ରଦାନ କରିବାରେ ସକ୍ଷମ, ତଥାପି ଅର୍ଥପୂର୍ଣ୍ଣ ପରିବର୍ତ୍ତନ ମାନବୀୟ ଇଚ୍ଛାଶକ୍ତି, ନୈତିକ ନେତୃତ୍ୱ ଏବଂ ଗଭୀର ଗୋଷ୍ଠୀ ସହଭାଗିତା ଉପରେ ନିର୍ଭର କରେ। ବିଡବ୍ଲ୍ୟୁ ଡିସରପ୍ଟ ସୋସିଆଲ୍ ଇମ୍ପାକ୍ଟ ୨୦୨୫ର ସାମାଜିକ ଉଦ୍ୟୋଗୀ, ଅଣ-ଲାଭକାରୀ ସଂଗଠନର ନେତୃବୃନ୍ଦ, ସିଏସ୍‌ଆର ବୃତ୍ତିଧାରୀ, ନୀତି ନିର୍ଦ୍ଧାରକ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ପ୍ରଭାବଶାଳୀ ନିବେଶକମାନଙ୍କୁ ଏକାଠି କରିଥିଲା। ଏହାର ମୂଳ ଲକ୍ଷ୍ୟ ଥିଲା-କିପରି ନୂତନ ଜ୍ଞାନକୌଶଳ ସାହାଯ୍ୟରେ ସ୍ୱଚ୍ଛତା ବୃଦ୍ଧି କରାଯାଇପାରିବ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସୁଧାର ଅଣାଯାଇପାରିବ ଏବଂ ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଓ ସହଭାଗିତାକୁ ବଜାୟ ରଖି ଅବହେଳିତ ଗୋଷ୍ଠୀଙ୍କ ପାଖରେ ସେବା ପହଞ୍ଚାଯାଇ ପାରିବ। ଏହି ଆଲୋଚନା ସ୍ପଷ୍ଟ କରିଛି ଯେ, ପ୍ରଯୁକ୍ତିବିଦ୍ୟା ସେତେବେଳେ ସବୁଠାରୁ ଶକ୍ତିଶାଳୀ ହୁଏ, ଯେତେବେଳେ ଏହା ସମ୍ବେଦନଶୀଳ କାର୍ଯ୍ୟର ବିକଳ୍ପ ନହୋଇ ବରଂ ଏକ ସହାୟକ ମାଧ୍ୟମ



ଭାବରେ କାର୍ଯ୍ୟ କରେ।

ଏହି ସ୍ୱୀକୃତି ପ୍ରକ୍ରିୟା ଏକ କଠୋର, ବହୁ-ସ୍ତରୀୟ ମୂଲ୍ୟାଙ୍କନ ଅନୁସରଣ କରିଥିଲା, ଯେଉଁଥିରେ ମାପଯୋଗ୍ୟ ଫଳାଫଳ, ପ୍ରଭାବର ପ୍ରାମାଣିକତା, ପ୍ରଶାସନର ଗୁଣବତ୍ତା, ମଡେଲଗୁଡ଼ିକର ବ୍ୟାପକତା ଏବଂ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଆଧାରରେ ନାମାଙ୍କନ ଗୁଡ଼ିକର ଆକଳନ କରାଯାଇଥିଲା। ଚୟନ ହୋଇଥିବା ପ୍ରାରମ୍ଭିକ ପଦକ୍ଷେପ ଗୁଡ଼ିକର ବିସ୍ତୃତ ଗୁଣାତ୍ମକ ସମୀକ୍ଷା କରାଯାଇ ଥିଲା, ଯେଉଁଥିରେ କାର୍ଯ୍ୟକ୍ରମ ଗୁଡ଼ିକ କିପରି ଅନ୍ତର୍ଭୁକ୍ତିକରଣକୁ ସମର୍ଥନ କରୁଛି, ସ୍ଥାନୀୟ ପରିସଂସ୍ଥାକୁ ସୁଦୃଢ଼ କରୁଛି ଏବଂ ସ୍ଥାୟୀ ତଥା ଦୀର୍ଘକାଳୀନ ପରିବର୍ତ୍ତନ ଆଣୁଛି, ତାହା ପରୀକ୍ଷା କରାଯାଇଥିଲାୟ ନୀତି, ବିକାଶ, ପ୍ରଯୁକ୍ତିବିଦ୍ୟା, କର୍ପୋରେଟ୍ ନାଗରିକତା ଏବଂ ସାମାଜିକ ନୂତନତ୍ୱ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଜୁରିଙ୍କ ବ୍ୟାପକ ବିଚାରବିମର୍ଶ ପରେ ଚୂଡ଼ାନ୍ତ ଚୟନ କରାଯାଇଥିଲା।

ଏହି ସମ୍ମାନ ଉପରେ ନିଜର ମତ ରଖି ଶାନ୍ତନୁ ମିଶ୍ର କହିଛନ୍ତି, ଏହି ସମ୍ମାନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ମନେହୁଏ, କାରଣ ଏହା ବ୍ୟକ୍ତିଗତ ସଫଳତା ଅପେକ୍ଷା ସାମୂହିକ ଉଦ୍ଦେଶ୍ୟକୁ ଅଧିକ ଗୁରୁତ୍ୱ ଦିଏ, ଯାହା 'ଟେକ୍ ୱିଥ୍ ସୋଲ୍' ବା 'ଆତ୍ମା ସହିତ ପ୍ରଯୁକ୍ତିବିଦ୍ୟା'ର ବିଷୟବସ୍ତୁ ସହ ସମ୍ପୂର୍ଣ୍ଣ ମେଳ ଖାଉଛିୟ ସ୍ମାଇଲ୍ ଫାଉଣ୍ଡେସନରେ ଆମର କାର୍ଯ୍ୟ ସହଭାଗିତା ଏବଂ ଏହି ବିଶ୍ୱାସ ଉପରେ ଆଧାରିତ ଯେ ପ୍ରଗତି ସର୍ବଦା ସମାବେଶୀ, ନୈତିକ ଏବଂ ଜନକୈନ୍ଦ୍ରିକ ହେବା ଆବଶ୍ୟକୟ ବିଡବ୍ଲ୍ୟୁ ଡିସରପ୍ଟ ସୋସିଆଲ୍ ଇମ୍ପାକ୍ଟ ୨୦୨୫ର ଆଲୋଚନା ଏହା ପୁନର୍ବାର ପ୍ରମାଣିତ କରିଛି ଯେ, ପ୍ରଯୁକ୍ତିବିଦ୍ୟା ଯେତେବେଳେ ସମ୍ବେଦନଶୀଳତା ଏବଂ ସାମାଜିକ ଦାୟିତ୍ୱବୋଧ ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ହିଁ ଏହାର ପ୍ରକୃତ ମୂଲ୍ୟ ମିଳିଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପ୍ଲାଟଫର୍ମ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ଗୋଷ୍ଠୀ କଲ୍ୟାଣକୁ ସୁଦୃଢ଼ କରିବାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ବୈଷୟିକ ଜ୍ଞାନକୌଶଳର ଭୂମିକା ଉପରେ ଚିନ୍ତନ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଛି, ଯେଉଁଠାରେ ବିକାଶମୂଳକ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ମାନବିକ ମର୍ଯ୍ୟାଦାକୁ ଗୁରୁତ୍ୱ ଦିଆଯାଇଛି। ସେ କହିଛନ୍ତି, ଏହି ସ୍ୱୀକୃତି ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଆମର ସହକର୍ମୀମାନଙ୍କର ନିରନ୍ତର ଏବଂ ନିଷ୍ଠାପର ପରିଶ୍ରମ ପ୍ରତିଦିନ ଆମର ଲକ୍ଷ୍ୟକୁ ବାସ୍ତବ ରୂପ ଦେବାରେ ସଫଳ ହେଉଛି।

ବିଡବ୍ଲ୍ୟୁ ବିଜନେସୱାର୍ଲ୍ଡ ସହଭାଗିତାରେ ଆୟୋଜିତ 'ବିଡବ୍ଲ୍ୟୁ ଡିସରପ୍ଟ ସୋସିଆଲ ଇମ୍ପାକ୍ଟ ୨୦୨୫' ଏହି ବର୍ଦ୍ଧିତ ସହମତିକୁ ସୂଚାଇଛି ଯେ, ଭାରତରେ ସାମାଜିକ ପ୍ରଗତିର ପରବର୍ତ୍ତୀ ପର୍ଯ୍ୟାୟ କେବଳ ପ୍ରଯୁକ୍ତିବିଦ୍ୟା ଦ୍ୱାରା ନୁହେଁ, ବରଂ ଏହାକୁ କିପରି ଚିନ୍ତାଶୀଳ ଭାବରେ ମାନବୀୟ ବ୍ୟବସ୍ଥା, ମୂଲ୍ୟବୋଧ ଏବଂ ଅନୁଷ୍ଠାନଗୁଡ଼ିକ ସହିତ ସମନ୍ୱିତ କରାଯାଉଛି, ସେହି ଆଧାରରେ ରୂପରେଖ ପାଇବ।

## ନୂଆବର୍ଷ ଅବସରରେ ବରିଷ୍ଠ ନାଗରିକ ସମାବେଶ



**ଡେଲାଙ୍ଗ,୧।୧ (ନି.ପ୍ର):** ଡେଲାଙ୍ଗ ମୁନିନ୍ଦା ର ଆରାଧ ଠାକୁର ଶ୍ରୀବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଲଛମନ ଦଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁନିନ୍ଦା, ବେଲପଡା, ମୋହନପୁର, ଡାକପଡା, ଅଲଓତା, ବରକେରା, ଚନ୍ଦୋଳ, ସାନ ମୁନିନ୍ଦା, ଯୁଇଲୁଣ୍ଡା, ସେବତୀପୁର ପୂର୍ବପାରି ଆଦି ଗ୍ରାମର ୪ ଶହରୁ ଉର୍ଦ୍ଧ୍ୱ ବୟସ୍କ ପୁରୁଷ ଓ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକଙ୍କ ଶାରୀରିକ, ମାନସିକ, ପାରିବାରିକ, ସାମାଜିକ ଓ ଆର୍ଥିକ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହିତ ପ୍ରତିକାର ଲକ୍ଷ୍ୟ ନେଇ ଗୁରୁବାର ନୂଆ ବର୍ଷ ଅବସରରେ ଏହି ସମାବେଶ ଅନୁଷ୍ଠିତ ହୋଇଛି। ନିର୍ବାଚନ ପୂର୍ବରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବାକୁ ନୂତନ ସରକାର ଦେଇଥିବା ପ୍ରତିଶ୍ରୁତି ସରକାର ଗଠନର ୨୦ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହା ବୃଦ୍ଧି ହୋଇନଥିବାରୁ କେତେକ ବୟସ୍କ ପୁରୁଷ ଓ ମହିଳା କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଗ୍ରାମ ପଂଚାୟତ ନିର୍ବାଚନ ପୂର୍ବରୁ ଏହା ଭତ୍ତା ବୃଦ୍ଧି କରିବା ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଜରିଆରେ ନିବେଦନ କରିଥିଲେ ବରକେରା ଗ୍ରାମର ସାମାଜିକ କର୍ମୀ ରଜନୀକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମାବେଶରେ ଚିତ୍ତରଞ୍ଜନ ପ୍ରଧାନ, ଋଷ୍ୟଶୃଙ୍ଗ ପ୍ରଧାନ, ପ୍ରକୃତି ପ୍ରେମୀ ମିଟୁକିଶୋର ପ୍ରଧାନ, ଜଟାଧାରୀ ପରିଡା, ଦୀନବନ୍ଧୁ ପରିଡା,ନୀଳାଚଳ କୃଷକ ମହାସଂଘ ରାଜ୍ୟ ଉପ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ



**ଯାଜପୁର,୦୧।୦୧ (ନି.ପ୍ର):** କୋରେଇ ବ୍ଲକସ୍ଥିତ ହଳଦିଗଡିଆ। ଗ୍ରାମପଞ୍ଚାୟତର ଶାଳକଣା ଗ୍ରାମସ୍ଥିତ ହିଙ୍ଗୁଳା ମଣ୍ଡପ ପରିସରରେ କୋରେଇ ନିର୍ବାଚନମଣ୍ଡଳୀର ପୁର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କର ନିଧନରେ ଏକ ଭାବପୁର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ସଭା ଯୁବନେତା ଉଦୟକୁମାର ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଏକମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ମହାନ ଆତ୍ମାଙ୍କର ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତିଲିପିର ସଂପାଦକ ସାମ୍ବାଦିକ ଭୁବନ ମୋହନ ମହାନ୍ତି ପଦ୍ମଲୋଚନ ମଲ୍ଲିକ ଅମୁଲ୍ୟ କୁମାର ଦାଶ ସାଦକପୁର ସରପଞ୍ଚ ରବିନ୍ଦ୍ର କୁମାର ବେହେରା ପ୍ରକାଶ ଚନ୍ଦ୍ର ସାହୁ ଚନ୍ଦ୍ରମଣୀ ସାହୁ ସରୋଜ କୁମାର ମହାନ୍ତି ନୃସିଂହ ଚରଣ ବିଶ୍ୱାଳ ପ୍ରଶାନ୍ତ କୁମାର ମଲ୍ଲିକ ଅକ୍ଷୟ କୁମାରସ୍ୱାଇଁ କଳ୍ପତରୁ ସାହୁ ରଜନୀକାନ୍ତ ଷଡଙ୍ଗୀ ଧନେଶ୍ୱର ସରପଞ୍ଚ ଶ୍ୟାମସୁନ୍ଦର ମାଝୀ ଏସକେ ରିୟାଜଉଦ୍ଦିନ କୃଷ୍ଣଚନ୍ଦ୍ର ଖଣ୍ଡେଇ ଗୟାଧର ମଲ୍ଲିକ କରୁଣାକର ମାଝୀ ବିପିନ ଖିଲାର ସନାତନ ସାହୁ ପ୍ରଦୀପ କୁମାର ସାହୁପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ରବି ନାରାୟଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ଚୋରି ମୋବାଇଲ ଜବତ : ଜଣେ ଗିରଫ

**ପାରାଦୀପ, ୦୧।୦୧ (ନି.ପ୍ର):** ପାରାଦୀପ ଲକ ଥାନା ଅନ୍ତର୍ଗତ ପାରାଦୀପ ଗଡ଼ ବଜାରର ଏକ ମୋବାଇଲ ଦୋକାନରୁ ଦିନ ଦ୍ୱିପହରରେ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ମୋବାଇଲ ଉଦ୍ଧାର ହେବା ସହ ଏଥିରେ ସଂଶ୍ଲିଷ୍ଟ ଜଣକୁ ଗିରଫ କରିଛି ପାରାଦୀପ ଲକ ଥାନା ପୋଲିସ। ଘଟଣାରୁ ପ୍ରକାଶ ଗତ ଡିସେମ୍ବର ୩୧ ତାରିଖ ଦିନ ମୋବାଇଲ ଦୋକାନ ମାଲିକ ବିକାଶ କୁମାର ବେହେରା ମଧ୍ୟାହ୍ନରେ ନିଜ ଦୋକାନ ବନ୍ଦ କରି ଖାଇବାକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ସଟର କବାଟ ତାଡି ୧୮ ଟି ଦାମୀ ମୋବାଇଲ ଫୋନ ଓ ଦୁଇଟି ବ୍ଲୁଟୁଥ ସ୍ପିକର ଫୋନ ଯାହାର ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ ତାହା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେହିଦିନ ସନ୍ଧ୍ୟାରେ



ଦୋକାନ ମାଲିକ ବିକାଶ ଗଡ଼ ଲକ ଥାନାରେ ଚୋରି ସମ୍ପର୍କିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଏହାର ଛାନଭିନ କରି ଅଭିଯୋଗର ଚବିଶ ଘଣ୍ଟା ମଧ୍ୟରେ ଅର୍ଥାତ ଜାନୁଆରୀ ୧ ତାରିଖ ଦିନ ୧୨ ଟାରେ ଘଟଣାର ପର୍ଦ୍ଦାଫାଶ କରି ବଗଦିଅ। ଗ୍ରାମର ମନ୍ଦାର ମଲ୍ଲିକ (୪୬) ଙ୍କୁ ଗିରଫ କରି ସମସ୍ତ ଚୋରି ମୋବାଇଲ ସାମଗ୍ରୀ ଜବତ କରିଥିବା ନେଇ ଗୁରୁବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଓ ଲକ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ସୂଚନା ପ୍ରଦାନ କରିଥିଲେ। ତେବେ ଲକ ଥାନାରେ ରଶ୍ମି ରଞ୍ଜନ ଦାସ ଦାୟିତ୍ୱ ଗ୍ରହଣ କଲାପରେ ଅଞ୍ଚଳରେ ବହୁ ମାତ୍ରାରେ ଅପରାଧିକ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଆସିଥିବା କୁହାଯାଉଛି।

### ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ଜଗଦଲପୁର ବିଜୟୀ



**କୁକୁଡାଖଣ୍ଡି,୦୧।୦୧ (ନି.ପ୍ର) :** କ୍ରୀଡା ଭାବନା ଓ ଯୁବ ଶକ୍ତିର ସୁନ୍ଦର ସମନ୍ୱୟ ମଧ୍ୟରେ କୁକୁଡାଖଣ୍ଡି ମିନି ଷ୍ଟାଡିୟମ୍ ପରିସରରେ ଆୟୋଜିତ ବାପି ଭାଇ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି। ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ରଙ୍କ ସ୍ମୃତିରେ ଯୁବଗୋଷ୍ଠୀ ଙ୍କ ପକ୍ଷରୁ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୀର୍ଘ ୧୧ ଦିନ ଧରି ଚାଲିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଜଗଦଲପୁର ଟିମ୍ ଓ ବିସିସି ବ୍ରହ୍ମପୁର ଟିମ୍ ମଧ୍ୟରେ ଖେଳା ଯାଇଥିଲା। ମ୍ୟାଚରେ ଜଗଦଲପୁର ଟିମ୍ ୩୩ ରନରେ ବିସିସି ବ୍ରହ୍ମପୁରକୁ ପରାସ୍ତ କରି ବିଜୟୀ ହେବାର ଗୌରବ ହାସଲ କରିଥିଲା। ଉଦଯାପନ ସମାରୋହରେ ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ସରପଞ୍ଚ ବଶିଷ୍ଠ ଜେନା, କ୍ରାନ୍ତି କୁମାରୀ ଦେବୀ, ପୂର୍ବତନ ସରପଞ୍ଚ ଅଦଳ ଚେନେୟା, ଭବାନୀ ଶଙ୍କର ବିଶ୍ୱାଳ ସହ ଅନ୍ୟାନ୍ୟ ବହୁ ଅତିଥିମାନେ ମଞ୍ଚାସୀନ ରହିଥିଲେ।

ଅତିଥିମାନେ ବିଜୟୀ ଓ ପରାଜିତ ଟିମ୍ର ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ସଂଯୋଗ ପଟ୍ଟନାୟକ (ହଟିଆ)ଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ବେଳେ ଭିନ୍ନକ୍ଷମ ନେତା କେ. ମଣି ବାବୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସମ୍ପାଦକ କେ ଅଭିନାଶ,ସହ ସମ୍ପାଦକ ଗଙ୍ଗାଧର ମହାନ୍ତି,ଶୁଭମ୍ ସାହୁ ସହ ବହୁ ଯୁବଗୋଷ୍ଠୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### କୃଷ୍ଣାଞ୍ଜନପୁର ଗ୍ରାମବାସୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ

## ମହିଳା ଉଦ୍ୟମିତା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର,୦୧।୦୧ (ନି.ପ୍ର) :** ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ଆଜି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ପୁରୀ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୃଷ୍ଣାଞ୍ଜନପୁର ଗ୍ରାମ ଗସ୍ତ କରି ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିବା ସହିତ ମହିଳାମାମାନେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଋଣ ନେବା ସହ ଉଦ୍ୟୋଗପତି ହେବାକୁ ପ୍ରୋତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ପ୍ରତିଶତରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ ରାଜ୍ୟପାଳ 'ମୁଦ୍ରା' ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରି ମହିଳାମାନଙ୍କୁ ଏହି ଯୋଜନାର ସୁବିଧା ନେଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ମହିଳାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ରାଜ୍ୟପାଳ ଖୁସି ପ୍ରକଟ କରିବା ସହ ନୂଆବର୍ଷର ଶୁଭେଚ୍ଛା ଜଣାଇ ଥିଲେ ଏବଂ ଆଗାମୀ ଦିନରେ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀ ଦେଖିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ।



ପାରମ୍ପରିକ ଘୋଡ଼ା ନାଚ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ମାଧ୍ୟମରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା ଓ ଏହା ପରେ ରାଜ୍ୟପାଳ ପ୍ରାୟ ୫୦ ଜଣ ମହିଳା ଅଂଶଗ୍ରହଣକାରୀଙ୍କୁ କମ୍ବଳ, ଶାଢ଼ୀ, କ୍ୟାଲେଣ୍ଡର ଓ ମିଠା ସମ୍ବଳିତ କିଟ୍ ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ ସହ ବ୍ୟକ୍ତିଗତ ଭାବ ବିନିମୟ କରି ରାଜ୍ୟପାଳ ପିଏମଏସବିୱାଇ, ପିଏମଜେଜେୱାଇ, ସୁଭଦ୍ରା ଯୋଜନା, ପିଏମଏୱାଇ, ଅଟଳ ପେନସନ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ସରକାରୀ ଯୋଜନାରୁ ଗ୍ରାମବାସୀ କେତେ ଲାଭବାନ ହୋଇ ପାରିଛନ୍ତି ତାହା ପଚାରି ବୁଝିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ କମ ପଞ୍ଜୀକରଣ ହୋଇଥିବାରୁ ରାଜ୍ୟପାଳ ଚିନ୍ତା ପ୍ରକଟ କରି ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନଙ୍କୁ ଜନହିତକର ଯୋଜନା ବିଷୟରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏତତବ୍ୟତୀତ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟପାଳ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଚୋରାମଦ ଜବତ, ୫ ଗିରଫ



**କେନ୍ଦ୍ରାପଡ଼ା,୧।୧ (ନି.ପ୍ର) :** ଏକ ବିଶେଷସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୨୬୬ଲିଟର ଚୋରାମଦ ଜବତ କରାଯିବା ସହ ୫ଜଣଙ୍କୁ ଗିରଫ କରାଯାଇଛି। ଶ୍ୟାମଗୁଡ଼ିଆ ଗ୍ରାମର ଭାବଗ୍ରାହୀ ସାହୁ(୨୭)ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ, ବୟନଗର ଗ୍ରାମର ପ୍ରଭାତ କୁମାର ସେଠୀ(୪୪)ଙ୍କ ଠାରୁ ୧୨୦ ଲିଟର ଦେଶୀ ମଦ, କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀ(୪୦) ଙ୍କ ଠାରୁ ୩୧ ଲିଟର ଦେଶୀ ମଦ, କଷୋଟି ଗ୍ରାମର ଅଲେଖ ମଳିକ(୨୯)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ତିଲଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଳିକ(୭୩)ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୬୬ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇ ଓକୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସୁଶ୍ରୀ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର ଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଅନୁଷ୍ଠିତ

**କେନ୍ଦୁଝର, ୦୧।୦୧ (ନି.ପ୍ର):** ଚମ୍ପୁଆ। ବ୍ଲକ ଅନ୍ତର୍ଗତ କଚେରୀ ପଡିଆ, ଚମ୍ପୁଆ। ଠାରେ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପବିତ୍ର ଗୁରୁଧାମ ଶାନ୍ତିକୁଞ୍ଜ, ହରିଦ୍ୱାରଙ୍କ ମାର୍ଗ-ଦର୍ଶନରେ ଋଷିପୁତ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଉତ୍ସବରେ ସମସ୍ତ ପ୍ରକାର ସଂସ୍କାର ଯଥା ଗର୍ଭପୂଜନ, ଅନ୍ନପ୍ରାଶାନ୍ନ, ମୁଣ୍ଡନ, ବିଦ୍ୟାରମ୍ଭ,ବ୍ରତୋପନୟନ ଓ ଦୀକ୍ଷା ତଥା ବିବାହ ପ୍ରଭୃତି ବୈଦିକରିତୀରେ ନିଶୁଳ୍କରେ ସମ୍ପନ୍ନ ହୋଇଥିଲା। ୨୮.୧୨.୨୫ ମଙ୍ଗଳ କଳସ ଯାତ୍ରା, ପ୍ରଜ୍ଞା ସଂଗୀତ ଓ ପ୍ରବଚନ ହୋଇଥିଲା ଓ ତା ୨୯.୧୨.୨୫ ଠାରୁ ୩୦.୧୨.୨୫ ପର୍ଯ୍ୟନ୍ତ ଗାୟତ୍ରୀ ମହାଯଜ୍ଞ ଓ ବିଭିନ୍ନ ସଂସ୍କାର ହୋଇଥିବା ବେଳେ ୩୧. ୧୨. ୨୫ ଦିନ ଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ। ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ଼ିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଠାକୁରଙ୍କ ଭକ୍ତି ଓ ପୂଜାର୍ଚ୍ଚନା କରିଥିଲେ।

## ରଙ୍ଗାରଙ୍ଗ ଗଡମେକର୍ ଶିଶିର ଉତ୍ସବ-୨୦୨୬ ଲୋକାର୍ପିତ

**ପଟ୍ଟାମୁଣ୍ଡାଇ, ୦୧।୦୧ (ନି.ପ୍ର):** ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ (ଗଡମେକର୍)ର ଶାସ୍ତ୍ରୀୟ ତଥା ପାରମ୍ପରିକ ଓଡ଼ିଶୀ ପଞ୍ଚକଳା ଆସର ୧୯ତମ ଶିଶିର ଉତ୍ସବ ସହିତ ୩୯ତମ ବାର୍ଷିକୋତ୍ସବ ଲୋକାର୍ପିତ ହୋଇଛି ୨୦୨୬ ନୂଆବର୍ଷରେ। ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ସୁମଧୁର ସଂଯୋଜନାରେ ପଟ୍ଟାମୁଣ୍ଡାଇ ଶ୍ରୀରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସାଂସ୍କୃତିକ ସମାରୋହରେ ଶତାଧିକ ସ୍ୱନାମଧନ୍ୟ ଆକାଶବାଣୀ/ଦୂରଦର୍ଶନ ଶିଳ୍ପୀ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାରେ ମୁଖରିତ କରିଥିଲେ ସେମାନଙ୍କର ଚିତ୍ତାକର୍ଷକ ପରିବେଷଣ। ଉଭୟ ବନ୍ଦେ ମାତରମ୍ ସଙ୍ଗୀତ ଓ ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ପାଳନର ପବିତ୍ର ସନ୍ତକ ବହନ କରିଥିଲା ଗଡମେକର୍ ଶିଶିର ଉତ୍ସବ-୨୦୨୬। ବନ୍ଦେ ମାତରମ୍ ବୃନ୍ଦଗାନରୁ ଆରମ୍ଭ ଶିଶିର ଉତ୍ସବରେ ଗୋପାଳ ସଙ୍ଗୀତ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ, ଦେଶାତ୍ମବୋଧକ-ପଲ୍ଲୀ-ଶିଶୁ ସଙ୍ଗୀତ ସହିତ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତ ଆଦି କଣ୍ଠଶିଳ୍ପୀ ସର୍ବଶ୍ରୀ ସଞ୍ଜିବ ତରାଇ, ସୁଦୀପ୍ତ ନାୟକ, ଅମୃତମୟ ସାମଲ, ସୁପ୍ରିୟା ଦାଶ, ପ୍ରିୟଙ୍କା ବେହେରା, ତାନି ତମନ୍ନା ପ୍ରଧାନ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ସୌମ୍ୟରଞ୍ଜନ ସୂତାର ପ୍ରମୁଖଙ୍କ କଣ୍ଠରେ ଗୁରୁ ସୁଶାନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନା, ଶିଳ୍ପୀ ସୌମ୍ୟକାନ୍ତ ମଲ୍ଲିକଙ୍କ ମର୍ଦ୍ଦଳ ବାଦନ ତଥା ସାଇ ସ୍ୱରାଜ ଶତପଥୀଙ୍କ ଉପସ୍ଥାପନାରେ ନିନାଦିତ ହୋଇଥିଲା। ୨୦୨୫ରେ ଓଡ଼ିଶାର ୧୭ଟି ଜିଲ୍ଲା ସମେତ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ଭୁବନେଶ୍ୱର ଦୂରଦର୍ଶନ ଆଦିରେ ଗଡମେକର୍ କଳା ପ୍ରଦର୍ଶନର ଝଲକ ଥିଲା ଶିଶିର ଉତ୍ସବ'୨୬ର ବିଶେଷ ଆକର୍ଷଣ। ବାବା ବୈକୁଣ୍ଠନାଥଙ୍କ ସୁପ୍ରସିଦ୍ଧ ନୃତ୍ୟନାଟିକା ନିମାଇଁ ସନ୍ୟାସ ମଞ୍ଚାୟନ ସହିତ ଶାସ୍ତ୍ରୀୟ ଓଡ଼ିଶୀ ମଙ୍ଗଳାଚରଣ ନମାମି, ବଟୁନୃତ୍ୟ, ରାଗେଶ୍ରୀ ପଲ୍ଲବୀ, ଅଭିନୟରେ ଯମୁନା ଓ ସଜ କଞ୍ଜ ନୟନା, ମୋକ୍ଷନୃତ୍ୟ ଆଦି ଗୁରୁ ବିଜୟ କୁମାର




ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶନ କରିଥିଲେ ଅନୁଷ୍ଠାନର ଦୂରଦର୍ଶନ ଶିଳ୍ପୀ ସୁଶ୍ରୀ ବୈଶାଖୀ ରାଉତ, ସ୍ମୃତିପ୍ରିୟା ପ୍ରଧାନ, ସମ୍ପୂର୍ଣ୍ଣାଇନ୍ଦୁ ପାଣି, ରୀତା ସେଠୀଙ୍କ ସହିତ ବର୍ଷାରାଣୀ ମଳିକ, ପ୍ରତୀକ୍ଷା ମହାନ୍ତି, ଶୁଭଶ୍ରୀ ସେଠୀ, ଆକାଂକ୍ଷା ପଣ୍ଡା, ପୂଜା ମଳିକ, ଅନୁଷ୍କା ସ୍ୱାଇଁ ପ୍ରମୁଖ ସ୍ୱନାମଧନ୍ୟା ନୃତ୍ୟଶିଳ୍ପୀବୃନ୍ଦ।

ଗଡମେକର୍ ଅଧିନରେ ପରିଚାଳିତ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର ଅଧ୍ୟକ୍ଷ ଗୁରୁ ରମେଶ କୁମାର ଦେଙ୍କ ନିର୍ଦ୍ଦେଶନାରେ ଚିତ୍ରକଳା ପ୍ରଦର୍ଶନୀ ଇନ୍ଦ୍ରଧନୁ ରୂପାୟିତ କରିଥିଲେ ସର୍ବଶ୍ରୀ ସୁବର୍ଣ୍ଣବିନ୍ଦୁ ପାଣି, ଆଶିଷ ସାହୁ, କାହ୍ନୁ ଚରଣ ପରିଡ଼ା, ସୋରଭ ଦାସ, ପୁନମପ୍ରିୟା ଦାସ ପ୍ରମୁଖ ଚିତ୍ରଶିଳ୍ପୀବୃନ୍ଦ। ବୃନ୍ଦତାଳବାଦ୍ୟ ବାଦନ କରିଥିଲେ ଶିଳ୍ପୀ ବିଶ୍ୱଜିତ ଦାସ, ସରୋଜ ପଣ୍ଡା, ପ୍ରମୋଦ ସାହୁ ପ୍ରମୁଖ ଗୁରୁ ସମୀରଞ୍ଜନ ଦାସଙ୍କ ନିର୍ଦ୍ଦେଶନାରେ।

ଗଡମେକର୍ ସାଧାରଣ ସମ୍ପାଦକ ଦୟାନିଧି ବଳ, କାର୍ଯ୍ୟାଳୟ ସମ୍ପାଦକ ଧ୍ରୁବ ଚରଣ ସାହୁ, ମୁଖ୍ୟ ସଂଯୋଜିକା ଅଞ୍ଜଳି ପାଣିଙ୍କ ସହିତ ଛାତ୍ରାଭିଭାବକ କମିଟି କର୍ମକର୍ତ୍ତା ସର୍ବଶ୍ରୀ ମାନସ ବେହେରା, ସ୍ମୃତି ଶିଖାଞ୍ଜଳି, ବିଳାସିନୀ ରାୟ, ଜୟନ୍ତୀ ସ୍ୱାଇଁ, ଗୀତାଞ୍ଜଳି ସାମଲ, ରାଜକିଶୋର ରାଉତ, ଗିରିଜା ଶଙ୍କର ଦାସ, ଅନସୂୟା ବଳ ପ୍ରମୁଖଙ୍କ ସହଯୋଗିତା ଗଡମେକର୍ ଶିଶିର ଉତ୍ସବକୁ କରିଥିଲା ସଜୀବ ସାକାର।



## ଆସନ୍ତା ୩ ମାସ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ପାଇଁ ତାରିଖ ଧାର୍ଯ୍ୟ

**ଅନୁଗୋଳ, ୦୧।୦୧ (ନି.ପ୍ର):** ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ ମୁହମ୍ମଦ୍ ଅଖତରଙ୍କର ଜାନୁଆରୀ, ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜାନୁୟାରୀ ମାସ ୫ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ୧୨ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ଛେଣ୍ଡିପଦା ବ୍ଲକ୍ କାର୍ଯ୍ୟାଳୟ, ୧୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୨୭ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ଜିଲ୍ଲା ସଦର ମହକୁମା (ସର୍କିଟ ହାଉସ୍ ଅଡିଟୋରିୟମ) ଠାରେ ଅନୁଷ୍ଠିତ ହେବ । ସେହିପରି ଫେବୃୟାରୀ ମାସ ୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ କଣିହା ବ୍ଲକ କାର୍ଯ୍ୟାଳୟ । ବ୍ଲକ୍ ୧୬ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ବଣଁରପାଳ ବ୍ଲକ କାର୍ଯ୍ୟାଳୟ, ୨୩ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ମାର୍ଚ୍ଚ ମାସ ୨ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୯ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୧୬ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ କିଶୋରନଗର ବ୍ଲକ୍ କାର୍ଯ୍ୟାଳୟ, ୨୩ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଣ୍ଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ ଓ ୩୦ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟିକା ସମୟରେ ବଣଁରପାଳ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ ।

ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି ।

## ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



**ପୁରୀ, ୦୧।୦୧ (ନି.ପ୍ର):** ନୂଆ । ବର୍ଷ ପାଇଁ ଶ୍ରୀକ୍ଷେତ୍ରରେ ବ୍ୟାପକ ଗହଳି ର ଆଶା କରାଯାଉଛିଯଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଶୃଙ୍ଖଳିତ ଦର୍ଶନ, ଭ୍ରମଣ ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ର ମିଳିତ ସହଯୋଗ ରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପୂର୍ବ ବର୍ଷ ମାନଙ୍କ ତୁଳନାରେ ଚଳିତ ନୂତନ ବର୍ଷ ରେ ଅଧିକ ଜନ ସମାଗମ ର ଆଶା କରାଯାଉଥିବାରୁ ଏହାକୁ ସମନ୍ୱୟ ର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରଦ୍ଧାଳୁ ମାନେ ଯେପରି ଶୃଙ୍ଖଳିତ ଭାବେ ମନ୍ଦିର ଯିବେ, ମହାପ୍ରଭୁଙ୍କ ଦର୍ଶନ ସାରି ଯଥା ଶିଘ୍ର ମନ୍ଦିର ରୁ ପ୍ରସ୍ଥାନ କରିବେ ତାହାର ସୁ ବନ୍ଦୋବସ୍ତ କରାଯାଇଛି । ଏଥିପାଇଁ ନିୟୋଜିତ ମାଜିଷ୍ଟ୍ରେଟ ଓ ସୁରକ୍ଷା ବାହାରି ପରସ୍ପର ମଧ୍ୟରେ ସହଯୋଗ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ସ୍ୱଚ୍ଛତା,ପାନୀୟ ଜଳ ବଣ୍ଟନ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ହଜିବା ଖୋଜିବା ଓ ସୂଚନା କେନ୍ଦ୍ର ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ବିଷଦ ସୂଚନା ପ୍ରଦାନ କରି ସଠିକ ଭାବେ ପ୍ରତ୍ୟେକ ବିଭାଗ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏସ ପି ପ୍ରତୀକ ସିଂ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ସ୍ଥାନ ସମ୍ପର୍କରେ ଆରକ୍ଷୀ ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଅତିରିକ୍ତ ଏସ ପି ସୁଶୀଲ କୁମାର ମିଶ୍ର, ସୌମ୍ୟ ରଞ୍ଜନ ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଡିଆଇବିର ଅତିରିକ୍ତ ଏସ ପି ଦେବୀ ଶଙ୍କର ପ୍ରତାପ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଦାୟିତ୍ୱ ରେ ଥିବା ମାଜିଷ୍ଟ୍ରେଟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ନୂତନ ବର୍ଷ ପାଳନ

**ପାରାଦୀପ, ୦୧।୦୧ (ନି.ପ୍ର):** ବନ୍ଦର ସହର ପାରାଦୀପରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତିବିଶେଷ ମାନେ ନୂତନ ବର୍ଷ କୁ ସ୍ୱାଗତ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଥିବା ବେଳେ ଅଗ୍ରଣୀ ପରିବେଶଧର୍ମୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଦିନ ଅଭିନ ଢଙ୍ଗରେ ନୂତନ ବର୍ଷ ପାଳନ କରାଯାଇଥିଲା । ଏହି ଅବସରରେ ବଡ଼ପଡ଼ିଆ । ଆଦର୍ଶ ଥାନା ନିକଟସ୍ଥ ପ୍ରେସ ଗ୍ୟାଲେରୀ ନିକଟରେ ଟ୍ରଷ୍ଟ ର ଅଧ୍ୟକ୍ଷ ରାକେଶ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱରେ ପ୍ରଦୂଷଣ ସୁରକ୍ଷା ପାଇଁ ସାଧାରଣରେ ମାସ୍କ ବଣ୍ଟନ କରାଯାଇଥିବା ବେଳେ ଅସହାୟ ବ୍ୟକ୍ତି ମାନଙ୍କୁ ଶୀତ ରୁ ରକ୍ଷା ପାଇଁ ଜ୍ୟାକେଟ ପ୍ରଦାନ ଏବଂ ରାସ୍ତାରେ ବିନା ହେଲମେଟ ରେ ଯାଉଥିବା ଗାଡି ଚାଳକ ମାନଙ୍କୁ ଅଟକାଇ ହେଲମେଟ ପରିଧାନ ପାଇଁ ସଚେତନ କରିବା ସହିତ ସେମାନଙ୍କୁ ଗୋଲାପ ଫୁଲ ଦିଆଯାଇ ପ୍ରଦୂଷଣରୁ ସୁରକ୍ଷା ପାଇଁ ମାସ୍କ ପିନ୍ଧାଇ ମିଠା ଖୁଆଇ ନୂତନ ବର୍ଷ ର ଅଭିନନ୍ଦନ ଜଣାଯାଇଥିଲା ।



ଏହି କାର୍ଯ୍ୟକ୍ରମକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଟ୍ରଷ୍ଟ ର ଏପରି ମହତ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଦସ୍ୟ ଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିବା ବେଳେ ଗ୍ରୀନ ପାରାଦୀପ ଟ୍ରଷ୍ଟର ଏଭଳି ନିଆରା ପ୍ରୟାସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ନୂଆବର୍ଷ ପାଳନ

**ଭୁବନେଶ୍ୱର, ୦୧।୦୧ (ନି.ପ୍ର) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଗୁରୁବାର ହସ୍ପିଟାଲ ପରିସରରେ ନୂଆବର୍ଷ ପାଳନ କରାଯାଇଛି । ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା । ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ପ୍ରଫେସର (ଡାକ୍ତର) ମିଶ୍ର ୨୦୨୫ ବର୍ଷରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଯେଉଁ ସଫଳତା ହାସଲ କରିଛି ତାହାର ସମସ୍ତ ଶ୍ରେୟ ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଜଣାଇଥିଲେ । ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସହଯୋଗ ଓ ଅବଦାନ ଯୋଗୁଁ ଆଇଏମ୍ଏସ ଆଣ୍ଡ ସମ ହସ୍ପିଟାଲ୍ ଶୀର୍ଷରେ ପହଂଚିପାରିଛି ବୋଲି ପ୍ରଫେସର ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ ।



କାର୍ଯ୍ୟକ୍ରମରେ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ । ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗ ୨୦୨୫ରେ ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ୍ ଶିକ୍ଷାନୁଷ୍ଠାନ ଭାବରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ସ୍ଥାନୀତ ହୋଇଛି । ସ୍ୱାସ୍ଥ୍ୟ ସେବା, ବିଶ୍ୱାସ, ରୋଗୀଙ୍କ ମୁଖରେ ହସ ଫୁଟାଇବା, ଉତ୍ସାହର ସହ ସେବା ପ୍ରଦାନ କରିବା ସହିତ ନିଜର ଦାୟିତ୍ୱ ପ୍ରତି ତତ୍ପର ହେବା ପାଇଁ ମେଡିକାଲ୍ ସୁପରିଟେଣ୍ଡେଂଟ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ସେହିପରି ହସ୍ପିଟାଲ୍‌ର ସର୍ଜରୀ ବିଭାଗର ଏମିରେଟସ୍ ପ୍ରଫେସର ବିଶ୍ୱନାରାୟଣ ମହାନ୍ତି ଯୋଗ ଦେଇ କହିଥିଲେ ଯେ ଡାକ୍ତରୀ ଶିକ୍ଷା ଗ୍ରହଣ ନିମନ୍ତେ ଦେଶ ତଥା ବିଦେଶର ଛାତ୍ରଛାତ୍ରୀମାନଙ୍କର ପ୍ରଥମ ପସନ୍ଦ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ । ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଯାଜପୁର ଲୋକଙ୍କ ଜୀବନଧାରାର ପରିବର୍ତ୍ତନ ଆଣିପାରିଛି ଟାଟା ଷ୍ଟିଲ୍ କଳିଙ୍ଗନଗର

**କଳିଙ୍ଗନଗର, ୦୧।୦୧ (ନି.ପ୍ର):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏକ ଶିଳ୍ପ ଶକ୍ତିକେନ୍ଦ୍ରରୁ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଗତିଶୀଳତାର ଏକ ପ୍ରାଥମିକତା ଦେଇ ଆସିଛି । ନିଜର କାର୍ଯ୍ୟକ୍ଷମ ଡିଏନଏ ମଧ୍ୟରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ଅନ୍ତର୍ଭୁକ୍ତ କରି, ଏହି କେନ୍ଦ୍ର ଉତ୍ପାଦନକୁ ଗୁରୁ ନ ଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଭାଗିତାରେ ପ୍ଲାଣ୍ଟ ଆଖପାଖ ଗ୍ରାମଗୁଡ଼ିକର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି ।



ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ହେଉଛି ଏହି ଅଞ୍ଚଳରେ ଏକ ନୂତନ ଶ୍ରେଣୀର ମହିଳା ନେତୃତ୍ୱର ଅଭ୍ୟୁଦୟ । 'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଏବଂ ସ୍ୱାଧୀନ ଆର୍ଥିକ ପରିଚାଳନାରେ ଦକ୍ଷତା ହାସଲ କରିଛନ୍ତି । ଏହି ସାମର୍ଥ୍ୟ ଘରର ଚାରିକାନ୍ଥରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଞ୍ଚିଛି; ନବଜୀବନ ସମବାୟ ସମିତି ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ସଂଗ୍ରହ କରୁଛି ଏବଂ ପାରମ୍ପରିକ ସଉରା କଳାକୁ ମୁମ୍ବାଇର କାଲା ଘୋଡା ଆର୍ଟ ଫେଷ୍ଟିଭାଲ୍ ଭଳି ଜାତୀୟ ସ୍ତରର ମଞ୍ଚକୁ ନେଇପାରିଛି ।

ଦୀର୍ଘସ୍ଥାୟୀତ୍ୱ ପାଇଁ ପ୍ରୟାସ ମଧ୍ୟ ସେତିକି ମହତ୍ତ୍ୱାକାଂକ୍ଷୀୟ ୩୦୦ ନିୟୁତ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି, ଟିଏସକେ ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଏବଂ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରିଛି । ଏହି ପରିବେଶ ପରିଚାଳନା ସହିତ ଅଞ୍ଚଳର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ନିକଟରେ ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି, ଯେଉଁଥିରେ ୭୦% ହେଉଛନ୍ତି ଛାତ୍ରୀ୍ୟ ଟାଟା ଷ୍ଟିଲ୍ ଫାଉଣ୍ଡେସନ ୩,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଭାଷା ଶିକ୍ଷା ମାଧ୍ୟମରେ ଆଦିବାସୀ ଐତିହ୍ୟର ସଂରକ୍ଷଣ ଦିଗରେ ମଧ୍ୟ କାର୍ଯ୍ୟ କରୁଛି ।

ଦାନଗଦିର ମଲ୍ଟି-ସ୍କିଲ୍ ସେଣ୍ଟର ଠାରୁ ଆରମ୍ଭ କରି ୩୯ଟି ପଞ୍ଚାୟତରେ ଚାଲିଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ ପର୍ଯ୍ୟନ୍ତ, ଟାଟା ଷ୍ଟିଲ୍ କଳିଙ୍ଗନଗରରେ ଏହି ଯାତ୍ରା ସାମଗ୍ରିକ ବିକାଶର ଏକ ଶ୍ରେଷ୍ଠ ଉଦାହରଣ ।

## ନବବର୍ଷର ମା ବିରଜାଙ୍କ ମନ୍ଦିର ଲୋକାରଣ୍ୟ

**ଯାଜପୁର, ୦୧।୦୧ (ନି.ପ୍ର):** ଆଜି ଇଂରାଜୀ ନବବର୍ଷର ପ୍ରଥମ ଦିନ ପାଇଁ ଚଳଚଂଚଳ ହୋଇ ଉଠିଛି ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ମନ୍ଦିର । ବଡ଼ି ଭୋରୁ ମା ଙ୍କ ଦର୍ଶନ ପାଇଁ ଭକ୍ତ ଙ୍କ ଭିଡ଼ ଲାଗିରହିଛି । ୨୦୨୬ କିପରି ଭଲରେ କଟିବ ଏବଂ ନବବର୍ଷର ପ୍ରଥମ ଦିନରେ ମା ଙ୍କ ଆଶିଷ କାମନା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିରହିଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଭକ୍ତ ମାନେ ମା ଙ୍କ ଦର୍ଶନ ପାଇଁ ଧାଇଁ ଆସିଛନ୍ତି । ମାଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷ ରୁ ସ୍ୱତନ୍ତ୍ର ବାରିକେଟ ର ବ୍ୟବସ୍ଥା କରାଯିବା ସହ ଶାନ୍ତି ଶୃଙ୍ଖଳା ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏଥିସହ ଭିଡ଼ କୁ ଲକ୍ଷରଖି ମନ୍ଦିର ପରିସର ଓ ଚତୁପାର୍ଶ୍ୱ ରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।

## ସଡ଼କ ସୁରକ୍ଷା ସପ୍ତାହ ମାସ ପାଳିତ

**ଯାଜପୁର, ୦୧।୦୧ (ନି.ପ୍ର):** ସମଗ୍ର ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ସଡ଼କ ସୁରକ୍ଷା ପାଇଁ ପାଳିତ ହେଉଛି ସଡ଼କ ସୁରକ୍ଷା ମାସ । ଆଜି ଯାଜପୁର ସଦର ମହକୁମାରେ ଜିଲା ପରିବହନ ବିଭାଗ ପକ୍ଷରୁ ନିଆରା ଢଙ୍ଗରେ ଏହା ପାଳିତ ହୋଇଯାଇଛି । ଯମରାଜ ବେଶରେ ଆସିଥିବା ବ୍ୟକ୍ତି ଗାଡିଚାଳକ ମାନଙ୍କୁ ସଡ଼କ ସୁରକ୍ଷାମାନି ଗାଡି ଚଳାଇବାକୁ ସଚେତନ କରିବା ସହ ଅମାନୀୟା ଗାଡି ଚାଳକ ମାନଙ୍କୁ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା । ଏକ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ଟ୍ରାଫିକ ନିୟମ ମାନି ଗାଡି ଚଳାଇବାକୁ ସଚେତନ କରାଯାଇଥିଲା । ଏହି ଶୋଭାଯାତ୍ରାଟି ଯାଜପୁର ଜିଲ୍ଲାପାଳଙ୍କ ଅଫିସ ଠାରୁ ବାହାରି ସମ୍ପୂର୍ଣ୍ଣ ସହର ପରିକ୍ରମା କରିବା ପରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ରେ ଉଦଯାପିତ ହୋଇଥିଲା । ଯାଜପୁର ପରିବହନ ଅଧିକାରୀଙ୍କ ଧୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାକୁ ଯାଜପୁର ଜିଲାପାଳ ଅମ୍ବର କୁମାର କର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଶୋଭାଯାତ୍ରା ରେ ବହୁ ସ୍କୁଲ କଲେଜ ର ଛାତ୍ରଛାତ୍ରୀ, ସ୍କାଉଟ ଗାଇଡଙ୍କ ସମେତ ଏମଭିଆଇ ରଞ୍ଜିତା ମଲ୍ଲିକ, ଅତିରିକ୍ତ ଏମଭିଆଇ ପ୍ରଦୀପ୍ତ କିଶୋର ବେହେରା ଏବଂ ପରିବହନ ବିଭାଗ ର ଅଧିକାରୀ ଓ ଯାଜପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋବାଇଲ୍ ସେବା ୟୁନିଟ୍ ମାଧ୍ୟମରେ ମିଳୁଛି ୧୩ ପ୍ରକାର ସରକାରୀ ସେବା

**ରାୟଗଡ,୦୧।୦୧ (ନି.ପ୍ର) :** ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନୟନ ବିଭାଗ ଦ୍ୱାରା ପ୍ରଚଳିତ ଜନକଲ୍ୟାଣକାରୀ ପଦକ୍ଷେପ 'ସହଯୋଗ' ଅଧୀନରେ ରାୟଗଡ଼ ଜିଲ୍ଲାର ଦୁଇଟି ପୌରପାଳିକା ଏବଂ ଗୋଟିଏ ବିଜ୍ଞାପିତଅଞ୍ଚଳ ପରିଷଦର ନାଗରିକମାନଙ୍କୁ ସହଜରେ ବିଭିନ୍ନ ସେବା ଯୋଗାଇଦେବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଜାନୁଆରୀ ୧ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ରାୟଗଡ଼ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (DUDA) କାର୍ଯ୍ୟାଳୟ ପରିସରରେ ଏହି ସେବା ରଥର ଉଦ୍ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାୟଗଡ଼ ଜିଲ୍ଲାର ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡ ପତାକା ଦେଖାଇ ଶୁଭାରମ୍ଭକରିଥିଲେ । ଏହା ସହିତ ରାୟଗଡ଼ ଜିଲ୍ଲାର ତିନୋଟି ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ସନ୍ତୋଷ କୁମାର ନାଏକ ଏବଂ ପ୍ରସନ୍ନ କୁମାର ପାଢ଼ିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ତଥା ଜିଲ୍ଲା ନଗର ଉନୟନ ସଂସ୍ଥାର କର୍ମଚାରୀ ଏବଂ ପୌର କର୍ମୀ ଉପସ୍ଥିତ ରହିଥିଲେ । ଏହି ମୋବାଇଲ୍ ୟୁନିଟ୍ରେ କମନ୍ ସର୍ଭିସ ସେଣ୍ଟର (CSC) ର କର୍ମଚାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ୧୩ଟି ଗୁରୁତ୍ୱପୂର୍ଣ୍ଣ ସେବା ମାଗଣାରେ ଯୋଗାଇ ଦେବେ ଯଥା ୧. ସୁଭଦ୍ରା ଯୋଜନା ୨. ଗରିମା ଯୋଜନ ୩. ପି.ଏମ୍. ବିଶ୍ୱକର୍ମା ଯୋଜନା ୪. ମଧୁବାବୁ ପେନ୍ସନ୍ ଯୋଜନ ୫. ସୁକନ୍ୟା ସମୃଦ୍ଧି ଯୋଜନା ୬. ପ୍ରଧାନମନ୍ତ୍ରୀ ସୁରକ୍ଷ ବୀମା ଯୋଜନା ୭. ନିର୍ମାଣ ଶ୍ରମିକ ଯୋଜନ ୮. ସୁଜଳ ଯୋଜନା ୯. ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ୧୦, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ୧୧. ଟଉଓଡ (ଭିନ୍ନକ୍ଷମ ପ୍ରମାଣପତ୍ର) ୧୨. ଆୟୁଷ୍ମାନ ଭାରତ ଏବଂ ୧୩. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି । ସହରର କୋଣ ଅନୁକୋଣରେ ପହଞ୍ଚି ଲୋକମାନଙ୍କୁ ଦୁଆର ମୁହଁରେ ସରକାରୀ ସୁବିଧା ଯୋଗାଇଦେବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ୍ୟ ଏହାଦ୍ୱାର ବରିଷ୍ଠ ନାଗରିକ, ମହିଳା ଏବଂ ସାଧାରଣ ଜନତା ସରକାରୀ ଅଫିସ୍ ନ ଦଉଡ଼ି ନିଜ ଅଞ୍ଚଳରେ ହିଁ ପଞ୍ଜୀକରଣ ଓ ସେବା ପାଇପାରିବେ ।



ରାୟଗଡ଼ ପୌରପାଳିକ ରେ ଏହିସେବା ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପର୍ଯ୍ୟାୟ କ୍ରମେ ଏହା ଗୁଣୁପୁର ପୌର ପରିଷଦ ଏବଂ ଗୁଡାରି ବିଜ୍ଞାପିତଅଞ୍ଚଳ ପରିଷଦରେ ସେବା ଯୋଗ ଇଦେବା ସହିତ ପୁନଶ୍ଚ ରାୟଗଡ଼ ପୌରପରିଷଦକୁ ପ୍ରତ୍ୟାବର୍ତ୍ତନ କରିବ । ଏହି ସେବା ଯୋଗାଇଦେବାର ପ୍ରକ୍ରିୟା ରାୟଗଡ଼ ଜିଲ୍ଲାରେ ଦୀର୍ଘ ୬ ମାସ ଧରି ଜାରି ରହିବ । ରାୟଗଡ଼ ଜିଲ୍ଲାର ସମସ୍ତ ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିବାସୀ ଏହି ସୁବିଧାର ସଦୁପଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଅଛି ।

## ସମାଜସେବୀ ଚନ୍ଦ୍ରଶେଖର ପଣ୍ଡାଙ୍କ ଦେହାନ୍ତ



**ପିପିଲି,୦୧।୦୧ (ନି.ପ୍ର):** ପିପିଲି ବ୍ଲକ ଭାରତୀପୁର ପଞ୍ଚାୟତ ଅନ୍ତର୍ଗତ ବାଘେଶ୍ୱରପୁର ଗ୍ରାମର ବରିଷ୍ଠ ସମାଜସେବୀ ଚନ୍ଦ୍ର ଶେଖର ପଣ୍ଡା (୭୯)ଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ମୃତ ବରଣ କରିଛନ୍ତି । ତାଙ୍କର ମୃତ ଖବର ମିଳିବାପରେ ସମଗ୍ର ବାଘେଶ୍ୱରପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଆଖପାଖ ଗ୍ରାମର ଲୋକମାନଙ୍କ ସହ ବନ୍ଧୁବାନ୍ଧବ ଓ ପ୍ରିୟଜନମାନେ ତାଙ୍କ ବାସଭବନରେ ପହଂଚି ଶେଷଦର୍ଶନ କରିଥିଲେ । ସେ ଭୁବନେଶ୍ୱରସ୍ଥିତ ଟେଲିକମ ବିଭାଗରେ ଆକାଉଣ୍ଟାଣ୍ଟ ଭାବେ ଦିର୍ଘଦିନ କାର୍ଯ୍ୟ ତୁଲାଇ ସୁନାମଅର୍ଜନ କରିଥିଲେ । ସେଜଣେ ସ୍ନେହୀ ପରୋପକାରୀ ,ମିଷ୍ଟଭାଷୀ ବ୍ୟକ୍ତିଭାବେ ବେଶ ପରିଚିତ ଥିଲେ । ମୃତ୍ୟୁ ବେଳକୁ ୪ଝିଅ ପାଖରେ ଥିଲେ । ଗ୍ରାମ ସ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ସ୍ଥିତପ୍ରଜ୍ଞା ପଣ୍ଡା (ପାକୁନା)ମୁଖାଗ୍ନି ଦେଇଥିଲେ ।

## ଶିକ୍ଷୟତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଯାଜପୁର, ୦୧।୦୧ (ନି.ପ୍ର):** ବୈଦ୍ୟରାଜପୁର ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ ଶ୍ରୀମତି ସେବତୀ ମହାନ୍ତି ଅବସର ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲିକ ଏବଂ ମଣ୍ଡଳ ସହ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଓ ସହକାରୀ ଶିକ୍ଷୟତ୍ରୀ ସେବତୀ ମହାନ୍ତି ସମେତ ବିଦ୍ୟାଳୟର ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ଶ୍ରୀମତି ମହାନ୍ତିଙ୍କ ଗୁଣଗାନ କରିଥିଲେ । ସେ ଜଣେ ଆଦର୍ଶ, କର୍ତବ୍ୟପରାୟଣ, ଛାତ୍ର ବତ୍ସଳ ଶିକ୍ଷୟତ୍ରୀ ଥିଲେ । ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ଏହି ବିଦ୍ୟାଳୟରେ ଅବସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ସହିତ ଉଚିତ ମାର୍ଗ ଦର୍ଶନ କରିଥିଲେ ।

## ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉଦ୍‌ଯାପିତ

**ଅନୁଗୋଳ, ୦୧।୦୧ (ନି.ପ୍ର) :** ଆଜି ସ୍ଥାନୀୟ ପୌରପାଳିକା ଟାଉନ୍ ହଲ ଠାରେ ଉପନିବନ୍ଧକ ସମବାୟ ସମିତି ସମୂହ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଉଦ୍ୟାପିତ ହୋଇଯାଇଛି । ଚଳିତ ବର୍ଷର ବାର୍ତ୍ତା ସମବାୟ ମାଧ୍ୟମରେ ଏକ ଉତ୍କୃଷ୍ଟ ପୃଥିବୀ ଗଠନ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥୁ ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ସମବାୟ ମାଧ୍ୟମରେ କିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଛୋଟ ଛୋଟ ଉଦ୍ୟୋଗୀମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ସମସ୍ତ ସମବାୟ ଅନୁଷ୍ଠାନ ଗୁଡିକୁ ପରାମର୍ଶ ଦେଇଥିଲେ । ଏହାପରେ ସମବାୟ ସମିତି ସମୂହ ଉପନିବନ୍ଧକ ୨୦୨୫ ବର୍ଷରେ ସମିତି ମାଧ୍ୟମରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଏକ ସଫଳ କାହାଣୀ ପାଓ୍ୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମବାୟ କ୍ଷେତ୍ରରେ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟବ୍ୟାପୀ ସମବାୟରୁ ସଫଳ କାହାଣୀ କହିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମବାୟ ଆନ୍ଦୋଳନରେ ଭୂମିକା ବର୍ଣନା କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୫ଗୋଟି ସମବାୟ ସମିତି ଏବଂ ୩ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ କେନ୍ଦ୍ର ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଓଡିଶା ରାଜ୍ୟ ସମବାୟ ମହାସଂଘ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ନାୟକ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ନାୟକ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ଶ୍ରୀମତୀ ସଂଯୁକ୍ତା ସାହୁ, ଆଞ୍ଚଳିକ ସମବାୟ ସମିତି ସଭାପତି ନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ସମବାୟ ସମିତି ରୁ ଆସିଥିବା ସଭାପତି, ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏ,ଆର.ସି.ଏସ୍ ଶ୍ରୀ ନିରଞ୍ଜନ ସେଠ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶ୍ରୀ ଅବନୀକାନ୍ତ ମିଶ୍ର ମଞ୍ଚପରିଚାଳନା କରିଥିଲେ ।



## ସଡକ ସୁରକ୍ଷା ମାସ ପାଳନ



**ଅନୁଗୋଳ, ୦୧।୦୧ (ନି.ପ୍ର) :** ଆଜି ଠାରୁ ୩୧ ତାରିଖ ପର୍ଯ୍ୟନ୍ତ 'ସଡକ ସୁରକ୍ଷା ମାସ' ୨୦୨୬ ପାଳନ କରାଯିବ । ଚଳିତ ବର୍ଷର ବାର୍ତ୍ତା ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଦୁଇଟି ସଡକ ସୁରକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ଜିଲ୍ଲା କାର୍ଯ୍ୟାଳୟ ଠାରେ ପତାକା ଦେଖାଇ ଶୁଭାରମ୍ଭ ସମ୍ପର୍କରେ କରିଥିଲେ । ଏହି ଦୁଇଟି ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ସଡକ ସୁରକ୍ଷା ଜନସାଧାରଣମାନଙ୍କୁ ବାର୍ତ୍ତା ପହଞ୍ଚାଇବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ସମ୍ପତ କୁମାର, ତାଳଚେର ଆଂଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପରିବହନ କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ ।







# ମଙ୍ଗଳାଙ୍କ ଦର୍ଶନରୁ ବର୍ଷ ଆରମ୍ଭ ପାଇଁ ପୀଠରେ ଅସଂଖ୍ୟ ଭକ୍ତ

କାକଟପୁର ୧/୧ :- ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ପୀଠ ରେ ନୂତନ ବର୍ଷ ପାଇଁ ଭୋର ୪ ଟା ରୁ ଭକ୍ତ ମାନଙ୍କ ଗହଳି ଲାଗିଥିଲା କ୍ଷ ପୁରୁଣା ବର୍ଷ କୁ ବିଦାୟ ପରେ ଇଂରାଜୀ ନୂତନ ବର୍ଷ ୨୦୨୬ ମଙ୍ଗଳମୟ ତଥା ପରିବାର ର ସଙ୍କଟ ହରଣ ପାଇଁ ମାଙ୍କ ଦର୍ଶନ କରି ବର୍ଷ ଆରମ୍ଭ କରିଥିଲେ ଅଗଣିତ ମାତୃଭକ୍ତ ।ସେଥିପାଇଁ ପୂର୍ବରୁ ପାଳିଆ ସେବାୟତ ତଥା ମନ୍ଦିର ପ୍ରଶାସନ ପ୍ରସ୍ତୁତି ସ୍ୱରୂପ ରାତ୍ରି ଦୁଇ ଘଡି ରେ ମାଙ୍କ ଦ୍ୱାର ଫିଟା କରାଯାଇ ସମସ୍ତ ନୀତିକାନ୍ତି, ମଙ୍ଗଳଆଳତି, ସ୍ନାନ, ମାର୍ଜନା, ସୂର୍ଯ୍ୟ ପୂଜା, ବଲ୍ଲଭ, ପହିଲି ଧୂପ ଇତ୍ୟାଦି ସାରି ଭକ୍ତ ଙ୍କ ଦର୍ଶନ ପାଇଁ ଭୋର ୪ ଟା ସୁଦ୍ଧା ଦ୍ୱାର ଖୋଲାଯାଇ ସହଣାମେଳା କରାଯାଇଥିଲା ।





ପ୍ରଶାସନ ତରଫରୁ ମନ୍ଦିର କୁ ପୁଷ୍ପ ଦ୍ୱାରା ସୁସଜ୍ଜିତ କରାଯିବା ସହ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ର ବ୍ୟବସ୍ଥା ସହିତ ମନ୍ଦିର କୁ ପ୍ରବେଶ ର ଦୁଇ ପ୍ରମୁଖ ରାସ୍ତା କୁ ଗାଡି ମୋଟର ଆସିବା ବାରଣ କରିବା ସହିତ ସିଲ କରାଯାଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ଙ୍କ ଠାରୁ ପ୍ରକାଶ ।

ଅନ୍ୟାନ୍ୟ ବର୍ଷ ତୁଳନାରେ ଏହିବର୍ଷ ଅଗଣିତ ଭକ୍ତ ଙ୍କ ସୁଅ ଛୁଟିଥିଲା ମା ଙ୍କ ଦର୍ଶନ ପାଇଁ, ସ୍ଥାନୀୟ ଲୋକମାନଙ୍କ କହିବାନୁଯାଇ ସେମାନେ କେବେ ନୂଆବର୍ଷ ରେ ଏତେ ଗହଳି ପୂର୍ବରୁ ଦେଖିନଥିବା ପ୍ରକାଶ କରିଥିଲେ । କେତେକ ଭକ୍ତ ଙ୍କ କହିବାନୁଯାଇ ବର୍ଷ ଟି କିପରି ଭଲ ରେ କଟିବା ସହିତ ପରିବାର କୁ ଆପଦ ବିପଦ ରୁ ବର୍ଷ ସାରା ରକ୍ଷା କରିବାପାଇଁ ବିପଦ ଭଞ୍ଜନୀ ଜଗତଜନନୀ ମା ମଙ୍ଗଳା ଙ୍କ କୃପା ଭିକ୍ଷା କରି ବର୍ଷ ଆରମ୍ଭ ପାଇଁ ଦର୍ଶନ କରିବାକୁ ଆସିଥିବା ପ୍ରକାଶ କରିଥିଲେ । ଭୋର ୪ ଟା ରୁ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ ଅଞ୍ଚଳ ଲୋକରଣ୍ୟେ ହୋଇଥିବା ଦେଖିବାକୁ ମିଳିଥିଲା । ଦିନସାରା ଏତେ ଗହଳି ସତ୍ତ୍ୱେ ସେପରି କିଛି ଆଖିଦୃଶିଆ ଅଘଟଣ ଘଟିନଥିବା ଆଇଆଇସି ବସନ୍ତ କୁମାର ସାହୁଙ୍କ ଠାରୁପ୍ରକାଶ ।

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧୀ

ଭୁବନେଶ୍ୱର, ୧।୧ (ନି.ପ୍ର.): ଆସନ୍ତା ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧି। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି । ଏଠାରେ ବିରାଟ ମହିଳା ସମାବେଶକୁ ସେ ସମ୍ବୋଧନ କରିବେ। ତେବେ ମାର୍ଚ୍ଚ ମାସର କେଉଁ ତାରିଖରେ ଆସିବେ ସେନେଇ କୌଣସି ସୂଚନା ମିଳିପାରି ନାହିଁ।



ରାଜ୍ୟରେ କଂଗ୍ରେସ ଏକ ବିରାଟ ମହିଳା ସମାବେଶ କରିବ। ଏହି ସମାବେଶରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯୋଗଦେବେ। ଏହି ସମାବେଶ ରାଜ୍ୟର ୧୦ଟି ଜିଲ୍ଲାରେ ଅନୁଷ୍ଠିତ ହେବ। ଏହା ପରେ କଂଗେସ ନେତା ରାହୁଲ ଗାନ୍ଧୀଙ୍କୁ ଓଡିଶା ଆଣି ଆଉ ଏକ ସମାବେଶ କରିବାକୁ କଂଗ୍ରେସ ଯୋଜନା କରିଛି। ଏନେଇ ପିସିସ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ତେବେ କଂଗ୍ରେସର ସଂଗଠନକୁ ଦୃଢ କରିବାରେ ଲାଗିଛି ଦଳ। ରାଜ୍ୟରେ ବଡ଼ ମହିଳା ସମାବେଶକୁ ସମ୍ବୋଧନ କରିବ ପ୍ରିୟଙ୍କା। ତେବେ ଏଥିରେ କଣ ରଣନୀତି ରହିବ ସେନେଇ କୌଣସି ସ୍ପଷ୍ଟ ହୋଇପାରି ନାହିଁ।

## ଅଭିନନ୍ଦନ



ସୁର୍ଣ୍ଣଭୂମି ଚମ୍ପୁଆ ନିର୍ବାଚନ ମଣ୍ଡଳିର ଅଗଣିତ ଜନସାଧାରଣଙ୍କୁ ଇଂରାଜୀ ନବବର୍ଷ ୨୦୨୬ ଓ ମକର ସଂକ୍ରାନ୍ତି ଉପଲକ୍ଷେ ହୃଦୟରୁ ଶୁଭେଚ୍ଛା ଓ ଶୁଭକାମନା। ନୂଆବର୍ଷ ଚମ୍ପୁଆ ଅଞ୍ଚଳ ପାଇଁ ପ୍ରଗତି, ସମୃଦ୍ଧି, ବିକାଶ ଓ ସୁଖ ସମ୍ଭାର ଆଣି ସମସ୍ତଙ୍କ ମୁହଁରେ ହସ ଫୁଟାଉ ଏହାହିଁ ମୋର ଦେବଦେବ ମହାଦେବ ଶ୍ରୀ ଶ୍ରୀ ବାବା ପରମେଶ୍ୱରଙ୍କ କର କମଳରେ ପ୍ରାର୍ଥନା।

ଆପଣଙ୍କ ସୁଖ ଦୁଃଖର ସାଥୀ

**ଶ୍ରୀମନ୍ତ କୁମାର ତ୍ରିପାଠୀ**

## ଅଭିନନ୍ଦନ



ସୁର୍ଣ୍ଣଭୂମି ଚମ୍ପୁଆ ନିର୍ବାଚନ ମଣ୍ଡଳିର ଅଗଣିତ ଜନସାଧାରଣଙ୍କୁ ଇଂରାଜୀ ନବବର୍ଷ ୨୦୨୬ ଓ ମକର ସଂକ୍ରାନ୍ତି ଉପଲକ୍ଷେ ହୃଦୟରୁ ଶୁଭେଚ୍ଛା ଓ ଶୁଭକାମନା। ନୂଆବର୍ଷ ଚମ୍ପୁଆ ଅଞ୍ଚଳ ପାଇଁ ପ୍ରଗତି, ସମୃଦ୍ଧି, ବିକାଶ ଓ ସୁଖ ସମ୍ଭାର ଆଣି ସମସ୍ତଙ୍କ ମୁହଁରେ ହସ ଫୁଟାଉ ଏହାହିଁ ମୋର ଦେବଦେବ ମହାଦେବ ଶ୍ରୀ ଶ୍ରୀ ବାବା ପରମେଶ୍ୱରଙ୍କ କର କମଳରେ ପ୍ରାର୍ଥନା।

ଆପଣଙ୍କ ସୁଖ ଦୁଃଖର ସାଥୀ

**ଶ୍ରୀମନ୍ତ କୁମାର ତ୍ରିପାଠୀ**

## ନୂତନ ବର୍ଷର ଶୁଭ ଅଭିନନ୍ଦନ



ଦୈନିକ ସମ୍ବାଦ ପତ୍ର ବାର୍ଷିକ ଉତ୍ସବ ତଥା ଇଂରାଜୀ ନୂତନ ବର୍ଷ ୨୦୨୬ ର ହାର୍ଦ୍ଦିକ ଅଭିନନ୍ଦନ ସହ ଜଗତସିଂହପୁର ଜିଲ୍ଲା ସମଙ୍ଗ ଗ୍ରାମ ପଞ୍ଚାୟତ ର ସମସ୍ତ ଭାଇ ଭଉଣୀଙ୍କର ଏହି ନୂତନ ବର୍ଷ ଟି ସୁଖ ସମୃଦ୍ଧି ଓ ଶାନ୍ତି ର ବର୍ଷ ହେଉ ଏବଂ ଆପଣଙ୍କ ଚଲାପଥ କୁସୁମିତ ହେଉ ଜଗନ୍ନାଥ ପାଖରେ ମୋର ପ୍ରାର୍ଥନା ଜୟ ଜଗନ୍ନାଥ।

**ଶ୍ରୀମତୀ ମିନତି ଜେନା**

ସରପଞ୍ଚ, ସମଙ୍ଗ ଗ୍ରାମପଞ୍ଚାୟତ

# ପାଟଖଣ୍ଡା କ୍ରିକେଟ୍ ଉଦ୍‌ଯାପିତ, ଦେଓଗାଁ ଚାମ୍ପିଅନ

ବଲାଙ୍ଗୀର,୧।୧: ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ମିନି ଷ୍ଟାଡିୟମରେ ଆଜାଦ ହିନ୍ଦ୍ କ୍ଲବ ଆୟୋଜନରେ ୪୩ତମ ମା ପାଟଖଣ୍ଡା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ



ମ୍ୟାଚ୍‌ରେ ବଗଡ଼ା କୁ ୬୨ ରନ୍‌ରେ ହରାଇ ଦେଓଗାଁ ଚାମ୍ପିଅନ୍ ହୋଇଛି ।ଏହି ମ୍ୟାଚରେ ଦେଓଗାଁ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪/୧୭୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରାଜା ୬୫, ଦିଲୁ ୨୮, ରଣା ୧୨ବଲ ରେ ୩୩ ରନ କରିଥିଲେ। ଜବାବରେ ବଗଡ଼ା ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୧୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଅଭୟ ୫୦, ବାବଲୁ ୧୪ ରନ କରିଥିଲେ। ବବି ୨ ୱିକେଟ୍ ଓ ମୁକେଶ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏ.ଏଜ୍. ସି ର ପୂର୍ବତନ ଖେଳାଡି ଅମ୍ପାୟାର ରଞ୍ଜନ କୁମାର ପଧାନ ଓ ବର୍ତ୍ତମାନ ଖେଳାଡି ମିଳନ ପଧାନ ଖେଳ ପରିଚାଳନା କରିଥିଲେ। ମାଧବ ବିଶ୍ୱାଳ ମ୍ୟାଚ୍ ରେଫରୀ ଥିଲେ।

ମୟ ଯୁଆଳି , ମୁକେଶ ସାହୁ ଓ ବୁଦ୍ଧଦେବ ସାହୁ ସ୍କରର ଥିବାବେଳେ ଦୀନେଶ କୁମାର ପଧାନ, ରଞ୍ଜିତ ବିଶ୍ୱାଳ, କାହ୍ନା ପଧାନ,ରଞ୍ଜନ ସାହୁ, ସତ୍ୟଦେବ ପଧାନ , ସତ୍ୟମ୍ ବାରିକ, ଜଗା ମାଝୀ, ରଞ୍ଜିତ ମର୍ଲିକ ଓ ଅନିଲ କୁମାର ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଲେ ବଲାଙ୍ଗୀର ର ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର (ବାବୁଲୁ ) ଓ ସମ୍ମାନିତ ଅତିଥି ଭାବେ ଅସୀମ କୁମାର ଭୋଇ, ଅସିତ୍ କୁମାର୍ ମିଶ୍ର, ପୂର୍ବତନ ସରପଞ୍ଚ ତର୍କ ଚନ୍ଦ୍ର ଭୋଇ, ଗୋବର୍ଦ୍ଧନ ସାହୁ, ଯୋଗଦେଇ ଚମ୍ପିଅନ ଦଳକୁ ନଗଦ ୨୦ ହଜାର ସହ ଟ୍ରଫି ଓ ରନର୍ସ ଦଳକୁ ନଗଦ ୧୨ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ବଗଡ଼ା ଦଳର ଅଭୟ କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଏବଂ ଦେଓଗାଁ ଦଳର ରାଜାଙ୍କୁ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଈଶ୍ୱର ପଧାନ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ଆଜାଦ୍ ହିନ୍ଦ୍ କ୍ଲବର ସଭାପତି ରମେଶ ମହାପାତ୍ର, ଉପସଭାପତି ଦେବେରାଜ ସାହୁ,ସମ୍ପାଦକ ରାଜା ପଧାନ, କୋଷାଧକ୍ଷ, ରାଜାଙ୍କ ସମେତ ଅନ୍ୟାନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସ?ହ?ଯୋଗ କରିଥିଲେ। ଶେଷରେ ଆଜାଦ୍ ହିନ୍ଦ୍ କ୍ଲବ୍ ର ସଭାପତି ରମେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶିକ୍ଷା ସମସ୍ୟା ବିରୋଧରେ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ



ଅନୁଗୁଳ-୨୮/୧୨ । ଅଲ୍ ଇଣ୍ଡିଆ ଡି.ଏସ୍.ଓ.ର ୭୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶିକ୍ଷକପଡାର ଅଫିସ୍ ପ୍ରାଙ୍ଗଣରେ ସଂଗଠନର ରକ୍ତପତାକା ଉତ୍ତୋଳନ କରାଯିବାସହ ଶିକ୍ଷା ଆନ୍ଦୋଳନର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଛି । ଡି.ଏସ୍.ଓ. ଜିଲ୍ଲା ଉପସଭାନେତ୍ରୀ ସରୋଜିନୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଂଗଠନର ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡି.ଏସ୍.ଓ.ର ପୂର୍ବତନ ରାଜ୍ୟ ସଭାପତି ରାଜେନ୍ଦ୍ର ବର୍ମା ବକ୍ତବ୍ୟ ରଖି ସଂଗଠନର ସାତ ଦଶନ୍ଧି ଧରି ଗୌରବମୟ ଛାତ୍ରଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିବା ସହ ଉଚ୍ଚ ନୀତିନୈତିକତା ଭିତ୍ତିରେ ସଂଗଠନକୁ ସୁସଂହତ କରି ଶିକ୍ଷା ଧ୍ୱଂସକାରୀ ଏନ୍.ଇ.ପି.-୨୦୨୦ ବାତିଲ୍, ସମସ୍ତ ସ୍କୁଲ, କଲେଜରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି, ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ଖୋଲିବା, ଶିକ୍ଷା କ୍ଷେତ୍ରରେ ବ୍ୟବସାୟୀକରଣ ବନ୍ଦ କରିବା ଏବଂ ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଦୁର୍ବାର ଗଣତାନ୍ତ୍ରିକ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠିକା ନିରୂପମା ନାୟକ, ବିଶ୍ୱରଞ୍ଜନ ପ୍ରକାଶ, ଅନୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ବର୍ଷର ଶୁଭ ଅଭିନନ୍ଦନ

ଦୈନିକ ସମ୍ବାଦ ପତ୍ର ବାର୍ଷିକ ଉତ୍ସବ ତଥା ଇଂରାଜୀ ନୂତନ ବର୍ଷ ୨୦୨୬ ର ହାର୍ଦ୍ଦିକ ଅଭିନନ୍ଦନ ସହ ଜଗତସିଂହପୁର ଜିଲ୍ଲା ଏରଡଙ୍ଗା ଗ୍ରାମ ପଞ୍ଚାୟତ ର ସମସ୍ତ ଭାଇ ଭଉଣୀଙ୍କର ଏହି ନୂତନ ବର୍ଷ ଟି ସୁଖ ସମୃଦ୍ଧି ଓ ଶାନ୍ତି ର ବର୍ଷ ହେଉ ଏବଂ ଆପଣଙ୍କ ଚଲାପଥ କୁସୁମିତ ହେଉ। ଜଗନ୍ନାଥ ପାଖରେ ମୋର ପ୍ରାର୍ଥନା ଜୟ ଜଗନ୍ନାଥ।



**ଶ୍ରୀଯୁକ୍ତ ଧର୍ମାନନ୍ଦ ସେଠୀ**

ସରପଞ୍ଚ, ଏରଦଙ୍ଗା ଗ୍ରାମପଞ୍ଚାୟତ

# ୩ କୋଟିରୁ ଅଧିକ ପଞ୍ଜୀକରଣ ସହ ନୂଆ ରେକର୍ଡ ସ୍ଥାପନ କଲା ପରୀକ୍ଷା ପେ ଚର୍ଚ୍ଚା

ନୂଆଦିଲ୍ଲୀ, ୧।୧ ୨ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପ୍ରମୁଖ ପଦକ୍ଷେପ, ପରୀକ୍ଷା ପେ ଚର୍ଚ୍ଚା (ପିପିସି), ଡିସେମ୍ବର ୩୦, ୨୦୨୫ ସୁଦ୍ଧା ଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କଠାରୁ ୩ କୋଟିରୁ ଅଧିକ ପଞ୍ଜୀକରଣ ହାସଲ କରି ଏକ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଛି ।

ଏପରି ବିପୁଳ ସମର୍ଥନ ଏହି କାର୍ଯ୍ୟକ୍ରମର ବର୍ଦ୍ଧିତ ଲୋକପ୍ରିୟତାକୁ ଦର୍ଶାଉଛି । ଏହା ମଧ୍ୟ ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ସହ ପରୀକ୍ଷା ପ୍ରତି ଏକ ସକାରାତ୍ମକ ଏବଂ ଆତ୍ମବିଶ୍ୱାସୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏହାର ସଫଳତାକୁ ଦର୍ଶାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଅଂଶଗ୍ରହଣ ଦର୍ଶାଏ ଯେ ପରୀକ୍ଷା ପେ ଚର୍ଚ୍ଚା ଏକ ପ୍ରକୃତ ଗଣ ଆନ୍ଦୋଳନ ଭାବରେ ଉଭା ହୋଇଛି, ଯାହାର ଦେଶବ୍ୟାପୀ ଛାତ୍ର ଏବଂ ଶିକ୍ଷକଙ୍କ ସହିତ ଏକ ଗଭୀର ସମ୍ପର୍କ ରହିଛି। ପରୀକ୍ଷା ପେ ଚର୍ଚ୍ଚା ୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଡିସେମ୍ବର ୧, ୨୦୨୫ ରେ ମାଇଗଭ୍ ପୋର୍ଟାଲରେ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଆୟୋଜିତ ଏହି ପଦକ୍ଷେପ ଶିକ୍ଷା ଏବଂ ମତବିନିମୟର ଏକ ବହୁ ପ୍ରତୀକ୍ଷିତ ମହୋତ୍ସବରେ ପରିଣତ ହୋଇଛି, ଯାହା ଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କୁ ଏକ ସାଧାରଣ ମଞ୍ଚରେ ଏକାଠି କରିଛି।

# ଅସୁସ୍ଥଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ହୁମା ଯୁବ ସମିତି ସଭ୍ୟ

ଗଞ୍ଜାମ, ୧।୧: ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ପଞ୍ଚାୟତର ବୋରିଗାଁ ଗ୍ରାମର ଗାଣ୍ଡୁ ଗୌଡ଼ ଦୀର୍ଘ ଦିନ ହେବ ଅଜଣା ରୋଗରେ ପୀଡିତ ଅଛନ୍ତି କ୍ଷ ଏକ ମାତ୍ର ରୋଜଗାରିଆ ଗାଣ୍ଡୁ ଅସୁସ୍ଥ ହେବା ପରଠାରୁ ଘୋର ଆର୍ଥିକ ଅନଟନରେ ଥିବା ଖବର ପାଇ ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ସହାୟତାର ହାତ ବଢ଼ାଇଛନ୍ତି । ଯୁବ ସମିତି ମେମ୍ବର ତଥା ଭାଜପା ଯୁବନେତା ଧ୍ରୁବ ନିଜ ଦରମାରୁ କିଛି ଅର୍ଥ ଗାଣ୍ଡୁଙ୍କ ପରିବାରକୁ ପ୍ରଦାନ କରିଛନ୍ତି । ହୁମା ଅଞ୍ଚଳର ଯୁବ ସଂଗଠକ ପ୍ରଶାନ୍ତ ପରିଡ଼ା, ହେମନ୍ତ ମାଳି ଏବଂ ମାଧବ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସମିତି ସଭ୍ୟ ପଲାଇଙ୍କ ଏହିଭଳି ସହଯୋଗକୁ ଉଚ୍ଚ ପ୍ରଶଂସା କରାଯାଇଛି।




# ବୁଦ୍ଧଖୋଲରେ ପର୍ଯ୍ୟଟକଙ୍କ ଭିଡ



ବୁଗୁଡ଼ା, ୧।୧ (ନି.ପ୍ର.): ଇଂରାଜୀ ନବ ବର୍ଷର ଆଦ୍ୟ ଦିବସରେ ଏଠାକାର ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ବୁଦ୍ଧଖୋଲର ପଞ୍ଚଶମ୍ଭୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ବେଳେ ପାଦଦେଶସ୍ଥ ଶିବପାର୍ବତୀଙ୍କ ମୂର୍ତ୍ତି ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିଲା । ଏଥସହ ସୁଉଚ୍ଚ ହନୁମାନ ମୂର୍ତ୍ତି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା । ବହୁ ସଂଖ୍ୟକ ପର୍ଯଟକ ଜଳ ପ୍ରପାତ ସ୍ନାନର ମଜା ଉଠାଉ ଥିବାବେଳେ ଅଧିକାଂଶ ପର୍ଯ୍ୟଟକ 'ଆଇ ଲଭ୍ ବୁଦ୍ଧଖୋଲ' ଲେଖା ନିକଟରେ ନିଜ ନିଜରଫଟୋ ଉତ୍ତୋଳନ କରି ଆନନ୍ଦିତ ହେଉଥିଲେ। ଫଳରେ ବୁଦ୍ଧଖୋଲ ପାଦଦେଶ ଲୋକାରଣ୍ୟରେ ପରିଣତ ହୋଇଯାଇଥିଲା । ତେବେ ସେଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଯାନବାହାନ ନିୟନ୍ତ୍ରଣ ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା । ସେହିପରି ନୂତନ ବର୍ଷର ପହିଲି ଦିନରେ ବୁଗୁଡ଼ା ସହରର ବିରଞ୍ଚି ନାରାୟଣ ମନ୍ଦିର ଏବଂ ବଳଦେବ ମନ୍ଦିରରେ ଠାକୁର ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

# ରାଜଧାନୀରେ ମଦର ମାହୋଲ : ୭ ଦିନରେ ୩୨ କୋଟି ବେପାର

ନୂଆଦିଲ୍ଲୀ, ୧।୧: ନୂଆବର୍ଷ ସ୍ୱାଗତ ଉତ୍ସବକୁ ନେଇ ସାରା ରାଜଧାନୀ ଚଳଚଞ୍ଚଳ ଥିବାବେଳେ, ମଦ ବିକ୍ରି କ୍ଷେତ୍ରରେ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ବର୍ଷର ଶେଷ ସାତ ଦିନ ଅର୍ଥାତ୍ ବଡ଼ଦିନ (ଡିସେମ୍ବର ୨୫) ଠାରୁ 'ଜିରୋ ନାଇଟ୍(ଡିସେମ୍ବର ୩୧) ମଧ୍ୟରେ ରାଜଧାନୀବାସୀ ପ୍ରାୟ ୩୨ କୋଟି ଟଙ୍କାର ମଦ ପିଇଛନ୍ତି।

ଏହି ସମୟରେ ପ୍ରାୟ ୨.୫ ଲକ୍ଷ ଲିଟର ବିଦେଶୀ ମଦ ବିକ୍ରି ହୋଇଛି। ବିଦେଶୀ ମଦ ସହ ତାଳ ଦେଇ ପ୍ରାୟ ୧.୫ ଲକ୍ଷ ଲିଟର ଦେଶୀ ମଦ ମଧ୍ୟ ବିକ୍ରି ହୋଇଥିବା ଜଣାପଡ଼ିଛି ।ଏହା ବ୍ୟତୀତ ଯୁବପିଢ଼ିଙ୍କ ମଧ୍ୟରେ ବିୟର୍‌ର ଚାହିଦା ବେଶ୍ ଅଧିକ ରହିଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ବିକ୍ରି ହୋଇଛି। ଉତ୍ସବର ମାହୋଲ ଯୋଗୁଁ ସହରର ବିଭିନ୍ନ କ୍ଲବ୍, ପବ୍, ଏବଂ ଅଫ୍-ସପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ କରି ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ମଦର ଚାହିଦା ଆକାଶଛୁଆଁ ହୋଇଥିଲା। ଟିକସ ଆଦାୟ ଏବଂ ରାଜସ୍ୱ ଦୃଷ୍ଟିକୋଣରୁ ଅବକାରୀ ବିଭାଗ ପାଇଁ ଏହା ଏକ ବଡ଼ସଫଳତା ବୋଲି ବିବେଚନା କରାଯାଉଛି।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ